

ପଦ୍ମଶ୍ରୀ ଦେବୀ ପ୍ରସନ୍ନ ପଟ୍ଟନାୟକ ବୁଧବାର ନବୀନ ନିବାସରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟୁଛନ୍ତି





ନବୀନ ନିବାସରେ ବିଭିନ୍ନ ସଂଗଠନର କର୍ମକର୍ତ୍ତାମାନେ '୫-ଟି' ଓ 'ନବୀନ ଓଡ଼ିଶା' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କୁ ଭେଟି ଶୁଭେଚ୍ଛା ଜ୍ଞାପନ କରୁଛନ୍ତି।

### ଗାଦି ଛାଡୁନାହାନ୍ତି ବଦଳି ହୋଇଥିବା ୭୫ ଓଏଏସ୍

# ୯ ସୁଦ୍ଧା ନୂଆ ଜାଗାରେ ନ ପହଞ୍ଚିଲେ କାର୍ଯ୍ୟାନୁଷ୍ଠାନ

**ଭୁବନେଶ୍ୱର, ୭ ।୨(ସମିସ):** ବଦଳି ପରେ ବି ବରିଷ୍ଠ ଓଏଏସ୍ ଅଧିକାରୀଙ୍କ ଗାଦି ମୋହ ଛାଡୁନି। ବଦଳି ନିର୍ଦ୍ଦେଶନାମାର ୪ ମାସ ପରେ ବି ନୂଆ ଜାଗାକୁ ନ ଯାଇ ପ୍ରାୟ ୭୫ଜଣ ଓଏଏସ୍ ଅଧିକାରୀ ନିଜର ପୂର୍ବ ସ୍ଥାନରେ କାର୍ଯ୍ୟ ଜାରି ରଖିଛନ୍ତି। ଗତ ୨୦୨୩ ମସିହା ଅକ୍ଟୋବରରୁ ଆରମ୍ଭ କରି ଜାନୁଆରୀ ମଧ୍ୟରେ ରାଜ୍ୟ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ଏକାଧିକ ନିର୍ଦ୍ଦେଶନାମା ଜାରି କରିଛି। ମାତ୍ର ରାଜ୍ୟର ବିଭିନ୍ନ ଦପ୍ତରରେ କାର୍ଯ୍ୟ କରୁଥିବା ଏହି ୭୫ଜଣ ଓଏଏସ୍ ଅଧିକାରୀ ଏହାକୁ ଭ୍ରୂକ୍ଷେପ ନ କରି ନିଜର ଆସ୍ଥାନ ମାଡ଼ି ବସିଛନ୍ତି। ଏନେଇ ବୁଧବାର ରାଜ୍ୟ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିବା ସହ ଏକ ସାନି ବିଜ୍ଞପ୍ତି ଜାରି କରିଛି। ବୁଧବାର ସମସ୍ତ ଅଧିକାରୀଙ୍କୁ ନିଜ କାର୍ଯ୍ୟରୁ ଅବ୍ୟାହତି (ରିଲିଭ୍) ଦିଆଯିବା ସହ ଆସନ୍ତା ୯ ତାରିଖ ସୁଦ୍ଧା ନୂତନ ନିଯୁକ୍ତି ସ୍ଥଳରେ ଯୋଗ ଦେବାକୁ ମେସାନଙ୍କୁ କଡ଼ା ନିର୍ଦ୍ଦେଶ ଦେଇଛି। ଯଦି କୌଣସି ଅଧିକାରୀ ୯ ତାରିଖ ସୁଦ୍ଧା ନୂଆ ସ୍ଥାନରେ ଯୋଗ ନ ଦିଅନ୍ତି, ସେମାନଙ୍କ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ହେବ ବୋଲି ବିଭାଗ ନିର୍ଦ୍ଦେଶନାମାରେ ଦର୍ଶାଇଛି।

ରାଜ୍ୟରେ ଆସନ୍ତା ସାଧାରଣ ନିର୍ବାଚନ ଓ ବିଧାନସଭା ନିର୍ବାଚନକୁ ଦୃଷ୍ଟିରେ ରଖି ବର୍ତ୍ତମାନ ପ୍ରଶାସନିକ ଅଧିକାରୀଙ୍କ ବଦଳି ପ୍ରକ୍ରିୟା ଜାରି ରହିଛି। ନିର୍ବାଚନ କମିସନଙ୍କ ନିର୍ଦ୍ଦେଶ ଅନୁଯାୟୀ ଯେଉଁ କର୍ମଚାରୀମାନେ ଗୋଟିଏ ସ୍ଥାନରେ ୩ ବର୍ଷ ପୂରଣ କରିଛନ୍ତି ଓ ଯେଉଁମାନେ ନିଜ ଘରୋଇ ଜିଲ୍ଲାରେ କାର୍ଯ୍ୟ କରୁଛନ୍ତି, ସେମାନଙ୍କୁ ବଦଳି କରାଯିବ। ଏହାକୁ ଲକ୍ଷ୍ୟ କରି ରାଜ୍ୟ ସରକାର ଓଡ଼ିଶା ପ୍ରଶାସନିକ ସେବା/ ଓଡ଼ିଶା ରାଜସ୍ୱ ସେବାର ଅଧିକାରୀମାନଙ୍କ ବଦଳି ପ୍ରକ୍ରିୟା ଜାରି ରଖିଛନ୍ତି। କେନ୍ଦ୍ର ନିର୍ବାଚନ କମିସନଙ୍କ ନିର୍ଦ୍ଦେଶକ୍ରମେ ସରକାରୀ ଅଧିକାରୀଙ୍କ ବଦଳି ଓ ନିଯୁକ୍ତି ପାଇଁ ପ୍ରକ୍ରିୟା କରାଯାଉଛି। ଯେମିତି ଖୁବ୍‌ଶୀଘ୍ର ଏହି ପ୍ରକ୍ରିୟା ଓଡ଼ିଶାରେ ଶେଷ ହେବ, ସେନେଇ ଗତବର୍ଷ ମେ'ରୁ ଉଭୟ କେନ୍ଦ୍ର ସରକାର ଓ ରାଜ୍ୟ ସରକାର ବିଭିନ୍ନ ପର୍ଯ୍ୟାୟରେ ଏହି ପ୍ରକ୍ରିୟା ଜାରି ରଖିଛନ୍ତି।

ସୂଚନା ଥାଉ କି ଗତ ବର୍ଷ ମେ' ମାସ ୩ ତାରିଖରେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ ବିହାରୀ ଧଳ ମୁଖ୍ୟ ଶାସନ ସଚିବଙ୍କୁ ଚିଠି ଲେଖି ସରକାରୀ ଅଧିକାରୀଙ୍କ ବଦଳି ଓ ନିଯୁକ୍ତି ପ୍ରକ୍ରିୟା ଶେଷ କରିବାକୁ କହିଥିଲେ। ଶ୍ରୀ ଧଳ ନିଜ ଚିଠିରେ ନିର୍ବାଚନ କମିସନଙ୍କ ମାର୍ଗଦର୍ଶିକା ପାଳନ ସମ୍ପର୍କରେ ଉଲ୍ଲେଖ କରିବା ସହିତ ଦେଶରେ ସାଧାରଣ ନିର୍ବାଚନ ଓ ରାଜ୍ୟ ବିଧାନସଭା ନିର୍ବାଚନର କାର୍ଯ୍ୟକାଳ ୨୦୨୪ ମେ'ରେ ଶେଷ ହେଉଥିବାରୁ ଏହି ସମୟ ସୀମା ପୂର୍ବରୁ ଯେ କୌଣସି ମୁହୂର୍ତ୍ତରେ ନିର୍ବାଚନ ହୋଇପାରେ ବୋଲି ଦର୍ଶାଇଥିଲେ। ସ୍ୱଚ୍ଛ ଓ ଅବାଧ ନିର୍ବାଚନ ପରିଚାଳନା ପାଇଁ ଏହି ବଦଳି ଓ ନିଯୁକ୍ତ କରିବାକୁ ନିର୍ବାଚନ କମିସନ ବିଜ୍ଞପ୍ତି ଜାରି କରିଛନ୍ତି।

### ■ ପୋଷଣ ଅଭିଯାନରେ ଓଡ଼ିଶାର ଭାଗ

# ୩ ବର୍ଷରେ ମିଳିଛି ୨୫୩୧୬୦.୩୩ ଲକ୍ଷ ଟଙ୍କା

**ଭୁବନେଶ୍ୱର,୭ ।୨(ସମିସ):** ପୋଷଣ ଅଭିଯାନ ଅଧୀନରେ ଓଡ଼ିଶାକୁ କେନ୍ଦ୍ର ସରକାରଙ୍କଠାରୁ ମିଳିଛି ମୋଟ ୨୫୩୧୬୦.୩୩ ଲକ୍ଷ ଟଙ୍କା।





୨୦୨୦-୨୧ରେ ୧୦୬୫୯୮.୪୬ ଲକ୍ଷ ଟଙ୍କାର ପାଣ୍ଠି ମଞ୍ଜୁର କରାଯାଇଛି। ସେହିପରି ୨୦୨୨-୨୩ରେ ୮୭୫୦୬.୯୯ ଲକ୍ଷ ଟଙ୍କା କେନ୍ଦ୍ର ପକ୍ଷରୁ ପ୍ରଦାନ କରାଯାଇଛି। ୨୦୨୩-୨୪ ଜାନୁଆରୀ ପର୍ଯ୍ୟନ୍ତ ୫୯୦୫୪.୮୮ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି ବୋଲି ମହିଳା ଓ ଶିଶୁ ବିକାଶ ବିଭାଗ ମନ୍ତ୍ରୀ ସ୍ମୃତି ଜୁବିନ୍ ଇରାନୀ ଉତ୍ତର ରଖିଛନ୍ତି। ମିଶନ ସକ୍ଷମ ଅଙ୍ଗନବାଡି ଏବଂ ପୋଷଣ ୨.୦ ମାଧ୍ୟମରେ ୬ ବର୍ଷରୁ କମ୍ ପିଲାମାନଙ୍କ ପାଇଁ ପୁଷ୍ଟିକର ସହାୟତା, ଗର୍ଭବତୀ ମହିଳା ଏବଂ ସ୍ତନ୍ୟପାନ କରାଉଥିବା ମା', କିଶୋର ବାଳିକା (୧୪ - ୧୮ ବର୍ଷ) ପ୍ରାରମ୍ଭରୁ ପିଲାଦିନର ଯତ୍ନ ଏବଂ ଶିକ୍ଷା (୩-୬ ବର୍ଷ), ଅଙ୍ଗନୱାଡି ଭିତ୍ତିଭୂମିର ବିକାଶକୁ ମାନ୍ୟତା ଦିଆଯାଇଛି। ମହିଳା ଏବଂ ଶିଶୁ ବିକାଶ କ୍ଷେତ୍ରରେ ସମସ୍ତ କେନ୍ଦ୍ରୀୟ ପ୍ରାୟୋଜିତ ଯୋଜନାଗୁଡ଼ିକ ଯଥା ଅଙ୍ଗନୱାଡି ସେବା, ପୋଷଣ ଅଭିଯାନର ମୂଲ୍ୟାଙ୍କନ ଏକ ତୃତୀୟ ପକ୍ଷ ଦ୍ୱାରା କରାଯାଉଛି। ଯାହା ୨୦୨୦ ମସିହାରେ ନିତି ଆୟୋଗ ଦ୍ୱାରା

**ଓଡ଼ିଶାରେ ପୋଷଣ ଅଭିଯାନ ଲକ୍ଷ୍ୟପୂରଣକୁ ନେଇ ସଂସଦରେ ପ୍ରଶ୍ନ ଉଠାଇଲେ ମାନସ ଓ ନିରଞ୍ଜନ**

ପରିଚାଳିତ କରାଯାଇଥିଲା। ସୂଚନାଯୋଗ୍ୟ, ୨୦୧୯-୨୦ ମସିହାରେ ରାଜ୍ୟସ୍ତରରେ ପୋଷଣ ଅଭିଯାନ ଅନ୍ତର୍ଗତ କେତେ ପାଣ୍ଠି ପ୍ରଦାନ କରାଯାଇଛି, କୋଭିଡଠାରୁ ଏହି ଯୋଜନାର କାର୍ଯ୍ୟକାରିତାକୁ ନେଇ ସରକାରଙ୍କ ପକ୍ଷରୁ କ'ଣ ଅନୁଧ୍ୟାନ କରାଯାଇଛି; ଏହାର ସମ୍ପୂର୍ଣ୍ଣ ବିବରଣୀ ଦେବାକୁ ରାଜ୍ୟସଭା ସାଂସଦ ମାନସ ମଙ୍ଗରାଜ ଓ ନିରଞ୍ଜନ ବିଶି ରାଜ୍ୟସଭାରେ ପ୍ରଶ୍ନ କରିଥିଲେ।

### ● 'ନୂଆ-ଓ' କାର୍ଯ୍ୟକ୍ରମର ସମୀକ୍ଷା କଲେ ଉଚ୍ଚଶିକ୍ଷା ମନ୍ତ୍ରୀ

# ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜନ କରିବାକୁ ଆହ୍ୱାନ

**ଭୁବନେଶ୍ୱର, ୭ ।୨(ସମିସ):** ଉଚ୍ଚ ଶିକ୍ଷାନୁଷ୍ଠାନରେ ଚାଲିଥିବା 'ନୂଆ-ଓ' କାର୍ଯ୍ୟକ୍ରମର ସମୀକ୍ଷା କରିଛନ୍ତି ଉଚ୍ଚଶିକ୍ଷା ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ। ଆଭାସୀ ମାଧ୍ୟମରେ ରାଜ୍ୟର ସମସ୍ତ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟର କର୍ମକର୍ତ୍ତା ଓ ଛାତ୍ରଛାତ୍ରୀମାନଙ୍କ ସହ ସେ ଆଲୋଚନା କରିଛନ୍ତି। ଏହି କାର୍ଯ୍ୟକ୍ରମ ଛାତ୍ରଛାତ୍ରୀ ଓ ଯୁବଗୋଷ୍ଠୀଙ୍କ ଉପରେ ପକାଉଥିବା ପ୍ରଭାବ ସମ୍ପର୍କରେ ପଚାରି ବୁଝିଛନ୍ତି। ଲୁକ୍କାୟିତ ପ୍ରତିଭା ପ୍ରସ୍ଫୁଟିତ କରିବାରେ ଏବଂ ପ୍ରତିଭା ପ୍ରଦର୍ଶନ ପାଇଁ ଏକ ପ୍ରକୃଷ୍ଟ ମଞ୍ଚ ପାଇଛନ୍ତି। ସମ୍ପ୍ରତି ନୂଆ-ଓ କାର୍ଯ୍ୟକ୍ରମରେ କ୍ରୀଡ଼ା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ସରିଥିବା ବେଳେ ସାମାଜିକ କାର୍ଯ୍ୟକ୍ରମ ଜାରି ରଖିବାକୁ ମନ୍ତ୍ରୀ ଶ୍ରୀ ନାୟକ କହିଛନ୍ତି। ସେହିପରି ଏହି କାର୍ଯ୍ୟକ୍ରମ ଅଧୀନରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜନ କରିବାକୁ ସେ ଆହ୍ୱାନ ଦେଇଛନ୍ତି। ସମୀକ୍ଷା ପରେ ସୂଚନା ଦେଇ ମନ୍ତ୍ରୀ ଶ୍ରୀ ନାୟକ କହିଛନ୍ତି, ରାଜ୍ୟର ପ୍ରାୟ ୭୦ ରୁ ୮୦ ପ୍ରତିଶତ ଛାତ୍ରଛାତ୍ରୀ ସରକାରଙ୍କ ଏହି ପ୍ରୟାସକୁ ସ୍ୱାଗତ କରିଛନ୍ତି। ବିଭିନ୍ନ ପ୍ରତିଯୋଗିତା ମଧ୍ୟରେ ଗ୍ରାମାଞ୍ଚଳରେ ପଢୁଥିବା ଛାତ୍ରଛାତ୍ରୀ ମଧ୍ୟ ନିଜ ପ୍ରତିଭା ପ୍ରଦର୍ଶନ କରିପାରିଛନ୍ତି। ବିଭିନ୍ନ ଟେକନିକାଲ ଓ ମେଡିକାଲ ଶିକ୍ଷାନୁଷ୍ଠାନ ପିଲାମାନେ ରକ୍ତଦାନ କରିବା ସହ ବେଳାଭୂମି ସଫେଇ କାର୍ଯକ୍ରମ ସ୍ୱଇଚ୍ଛାରେ କରୁଥିବା କରୁଛନ୍ତି। ଏହି ସମୀକ୍ଷା ବୈଠକରେ ବିଭାଗୀୟ ସଚିବ ଅରବିନ୍ଦ ଅଗ୍ରୱାଲ ଓ ସ୍ୱତନ୍ତ୍ର ସଚିବ, ନିର୍ଦ୍ଦେଶକଙ୍କ ସମେତ ବହୁ କର୍ମଚାରୀ ଉପସ୍ଥିତ ଥିଲେ।

# ତିନି ବର୍ଷରେ ଧରାପଡ଼ିଛି ୮୩ ପେଟ୍ରୋଲ ପମ୍ପରେ ଅପମିଶ୍ରଣ

**ଭୁବନେଶ୍ୱର, ୭ ।୨(ସମିସ):** ରାଜ୍ୟର ସମସ୍ତ ପେଟ୍ରୋଲ ପମ୍ପରେ ଅପମିଶ୍ରଣ ରୋକିବା ପାଇଁ ନିୟମିତ ଭାବେ ତନଖି କରାଯାଉଛି। ପେଟ୍ରୋଲ ଓ ଡିଜେଲର ଗୁଣବତ୍ତା ଓ ମାପ ଯାଞ୍ଚ କରାଯାଉଛି। ଏଥିପାଇଁ ସାଧାରଣ ଉଦ୍ୟୋଗ ତୈଳ ମାର୍କେଟିଂ କମ୍ପାନୀଗୁଡ଼ିକର ଅନ୍ୟ ବିଭାଗ ଅଫିସରଙ୍କୁ ନେଇ ଅନୁଶାସନିକ ଦଳ(ମଲ୍‌ଟି ଡିସିପ୍ଲିନାରୀ କମିଟି) ଗଠନ ହୋଇଛି। ଏହି ଦଳ ଅତର୍କିତ ଭାବେ ନିୟମିତ ଭାବେ ପେଟ୍ରୋଲ ପମ୍ପଗୁଡ଼ିକରେ ଯାଞ୍ଚ କରୁଛନ୍ତି। ଅନୁରୂପ ଭାବେ ତୈଳ କମ୍ପାନୀଗୁଡ଼ିକର ଭ୍ରାମ୍ୟମାଣ ପରୀକ୍ଷାଗାର ଦ୍ୱାରା ପ୍ରତି ମାସରେ ମଧ୍ୟ ତୈଳ ନମୁନା ଯାଞ୍ଚ କରାଯାଉଛି। କୌଣସି ସ୍ଥାନରେ ଅନିୟମିତତା ଧରାପଡ଼ିଲେ, ଗୁଣବତ୍ତା ଯାଞ୍ଚ ପାଇଁ ନମୁନା ସଂଗ୍ରହ କରାଯାଉଛି। ନମୁନା ପରୀକ୍ଷଣ ପରେ ଅସଂଗତି ଥିଲେ ତୈଳ କମ୍ପାନୀ ପକ୍ଷରୁ କଠୋର ପଦକ୍ଷେପ ନିଆଯାଉଛି। ୨୦୨୦-୨୧ ଆର୍ଥିକ ବର୍ଷରେ ମାପକରେ ତ୍ରୁଟି ଥିବା ନେଇ ୩୭ଟି ମାମଲା ହୋଇଛି। ଏଥିପାଇଁ ୪ଲକ୍ଷ ୬ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ସେହିପରି ୨୦୨୧-୨୨ ଆର୍ଥିକ ବର୍ଷରେ ୨୨ଟି ମାମଲା ହୋଇଥିବା ବେଳେ ୩ ଲକ୍ଷ ୪୩ ହଜାର ଓ ୨୦୨୨-୨୩ ଆର୍ଥିକ ବର୍ଷରେ ୨୪ଟି ମାମଲାରେ ୩ ଲକ୍ଷ ୧୭ହଜାର ଟଙ୍କା ଜରିମାନା ଆଦାୟ ହୋଇଛି। ଏହି ତିନି ବର୍ଷରେ ସମୁଦାୟ ୮୩ଟି ପେଟ୍ରୋଲ ପମ୍ପରୁ ୧୦ ଲକ୍ଷ ୬୬ ହଜାର ଟଙ୍କା ଜରିମାନା ଆଦାୟ ହୋଇଛି। ବିଧାନସଭାରେ ବିଧାୟକ ସୁଧାଂଶୁ ଶେଖର ପରିଡ଼ାଙ୍କ ପେଟ୍ରୋଲ ପମ୍ପ ଅପମିଶ୍ରଣ ସମ୍ପର୍କିତ ପ୍ରଶ୍ନରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ଏହି ତଥ୍ୟ ରଖିଛନ୍ତି।

# 'ମେଟ୍ରୋ' ପ୍ରକଳ୍ପ ପାଇଁ ୬ ମାସ ମଧ୍ୟରେ ଗୁରୁତ୍ୱପୂର୍ଣ୍ଣ ଟେଣ୍ଡର୍ କାର୍ଯ୍ୟ ସରିବ




**ଭୁବନେଶ୍ୱର, ୭ ।୨(ସମିସ):** ଆଗାମୀ ୬ ରୁ ୮ ମାସ ମଧ୍ୟରେ ଭୁବନେଶ୍ୱର ମେଟ୍ରୋ ପ୍ରକଳ୍ପ ଅନୁସାରେ ଭୂମି ଯୋଜନା ଓ ଗଠନ ବ୍ୟବସ୍ଥା, ସିଭିଲ କାମ, ବିଭିନ୍ନ ଉପଯୋଗିତା ସ୍ଥାନାନ୍ତର ଆଦି ସମ୍ପର୍କରେ ଟେଣ୍ଡର କାର୍ଯ୍ୟ ସରିବ। ବୁଧବାର ମେଟ୍ରୋ ପ୍ରକଳ୍ପକୁ ନେଇ ଦୁଇଟି ଗୁରୁତ୍ୱପୂର୍ଣ୍ଣ ଯଥାକ୍ରମେ ମେଟ୍ରୋ ରେଳ କର୍ପୋରେସନ ନିର୍ଦ୍ଦେଶକ ମଣ୍ଡଳୀ ପରିଷଦ ଓ ରାଜ୍ୟ ସ୍ତରୀୟ ପ୍ରକଳ୍ପ ତଦାରଖ କମିଟି ବୈଠକରେ ଏହି ନିଷ୍ପତ୍ତି ହୋଇଛି। ଅପରାହ୍ଣରେ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନାଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବୈଠକରେ ଏହି ପ୍ରକଳ୍ପ ନିମନ୍ତେ ପାଣ୍ଠି ବ୍ୟବସ୍ଥା, ବୈଷୟିକ ନିର୍ଦ୍ଦିଷ୍ଟତା, ବିଭିନ୍ନ ସ୍ଥାନରେ ଷ୍ଟେସନ ଯୋଜନା, ପ୍ଲାଟଫର୍ମ ବ୍ୟବସ୍ଥା ଆଦି ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏହାସହ ବର୍ତ୍ତମାନ ପର୍ଯ୍ୟନ୍ତ ପ୍ରକଳ୍ପର ଅଗ୍ରଗତି କାର୍ଯ୍ୟ ଓ ଆସନ୍ତା ଦିନରେ କିପରି ଏହି ପ୍ରକଳ୍ପରେ କାର୍ଯ୍ୟ ହେବ ତାହା ଉପରେ ଆଲୋଚନା ହୋଇଥିଲା। ୨୦୨୪ ଜାନୁଆରୀ ପହିଲାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ପ୍ରକଳ୍ପ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଆଗାମୀ ଡିସେମ୍ବର ୨୦୨୭ ସୁଦ୍ଧା ଏହି ପ୍ରକଳ୍ପ ସମ୍ପୂର୍ଣ୍ଣ ହେବା ପାଇଁ ଲକ୍ଷ୍ୟ ରହିଛି। ପ୍ରକାଶ ଥାଉକି, ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରୁ ତ୍ରିଶୁଳିଆ ପର୍ଯ୍ୟନ୍ତ ମେଟ୍ରୋ ରେଳ ନିର୍ମାଣ ପାଇଁ ଦିଲ୍ଲୀ ମେଟ୍ରୋ ରେଳ ନିଗମ (ଡିଏମଆରସି) ଟର୍ଣ୍ଣ-କି ପରାମର୍ଶଦାତା ଭାବରେ ଏହି ପ୍ରକଳ୍ପ କାର୍ଯ୍ୟକାରୀ କରିବା ପାଇଁ ଭୁବନେଶ୍ୱର ମେଟ୍ରୋ ରେଳ ନିଗମ ସହ ଚୁକ୍ତି ସ୍ୱାକ୍ଷର କରିଛି। ଅନୁଷ୍ଠିତ ରାଜ୍ୟସ୍ତରୀୟ ପ୍ରକଳ୍ପ ତଦାରଖ କମିଟି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଗୃହ ଓ ନଗର ଉନ୍ନୟନ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଜି. ମାଥିଭାଥନନ୍, ଅର୍ଥ ବିଭାଗ ପ୍ରମୁଖ ଶାସନ ସଚିବ ବିଶାଳ କୁମାର ଦେବ, ବାଣିଜ୍ୟ ଓ ପରିବହନ ବିଭାଗ ସ୍ୱତନ୍ତ୍ର ଶାସନ ସଚିବ(ରେଳ ନିଗମ) ମନୋଜ କୁମାର ମିଶ୍ରଙ୍କ ସମେତ କମିଟିର ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ। ବୈଠକ ପୂର୍ବରୁ ଭୁବନେଶ୍ୱର ମେଟ୍ରୋ ରେଳ କର୍ପୋରେସନ ନିର୍ଦ୍ଦେଶକ ମଣ୍ଡଳୀ ପରିଷଦର ୨ୟ ବୈଠକ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ଭୁବନେଶ୍ୱର ମେଟ୍ରୋ ରେଳ ପ୍ରକଳ୍ପର ପ୍ରଥମ ପର୍ଯ୍ୟାୟ କାର୍ଯ୍ୟର ସ୍ଥିତି ସମ୍ପର୍କରେ ତଥ୍ୟ ଉପସ୍ଥାପନ କରାଯିବା ସହିତ ବୋର୍ଡର କାର୍ଯ୍ୟ ପରିଚାଳନା ସମ୍ପର୍କିତ ବିଭିନ୍ନ ଆଲୋଚନା କରାଯାଇଥିଲା।

# କେନ୍ଦ୍ର ଅପେକ୍ଷା ରାଜ୍ୟ ସରକାରଙ୍କ ରାସନ କାର୍ଡ ପାଇଁ ଅଧିକ ଆବେଦନ

**ଭୁବନେଶ୍ୱର,୭ ।୨(ସମିସ):** ବିଭିନ୍ନ ପ୍ରକାର ସରକାରୀ ସୁବିଧା ସୁଯୋଗ ହେଉ ଅବା ମାଗଣା ରାସନ; ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲ ହୋଇ ରାସନ କାର୍ଡ ଖଣ୍ଡେ ପାଇବାକୁ ବହୁ ଲୋକ ଲାଳାୟିତ। ପରିବାରରେ ବିଭାଜନ ପାଇଁ, ପରିବାର ମୁଖିଆଙ୍କ ମୃତ୍ୟୁ ଭଳି କିଛି କାରଣ ପାଇଁ ନୂଆ ରାସନ କାର୍ଡ ଆବେଦନକାରୀଙ୍କ ସଂଖ୍ୟା ବୃଦ୍ଧି ପାଉଛି। ଯୋଗାଣ ବିଭାଗ ପାଖରେ ଏବେ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲ ହେବା ପାଇଁ ୧୪ ଲକ୍ଷ ୬୩ ହଜାର ୩୧୯ଟି ଆବେଦନ ଆସିଛି। ସେହିପରି କେନ୍ଦ୍ର ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲ ହେବା ପାଇଁ ୪ ଲକ୍ଷ ୧୮ ହଜାର ୬୫୩ଟି ଆବେଦନ ପତ୍ର ଆସିଛି। କେନ୍ଦ୍ର ସରକାରଙ୍କ ରାସନ କାର୍ଡ ଅପେକ୍ଷା ରାଜ୍ୟ ସରକାରଙ୍କ ରାସନ କାର୍ଡ ପାଇବା ପାଇଁ ଅଧିକ ଲୋକ କସରତ ଚଳାଇଛନ୍ତି। କୌଣସିମତେ ରାସନ କାର୍ଡ ଖଣ୍ଡେ ପାଇଗଲେ ବହୁ ଫାଇଦା ମିଳିବ।

**● ଏବେ ବିଚାର ଅପେକ୍ଷାରେ ୧୯ ଲକ୍ଷ ଆବେଦନ**
**● ଆକର୍ଷିତ କରୁଛି ବିଭିନ୍ନ ସରକାରୀ ସୁବିଧା**

ଆଜି ବିଧାନସଭାରେ ବିଧାୟିକା କୁସୁମ ଟେଟେଙ୍କ ପ୍ରଶ୍ନର ଉତ୍ତରରେ ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ କହିଛନ୍ତି ଯେ ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ଜାତୀୟ ଖାଦ୍ୟ ସୁରକ୍ଷା ଆଇନରେ ୯୨, ୭୫, ୬୦୩ ପରିବାରର ୩, ୨୬, ୦୧, ୩୪୬ ଜଣ ହିତାଧିକାରୀ ସାମିଲ ହୋଇଛନ୍ତି। ସେହିପରି ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ୩, ୧୪, ୯୨୩ ପରିବାରର ୯, ୯୭, ୦୫୫ଜଣ ହିତାଧିକାରୀ ମାଗଣା ଚାଉଳ ପାଉଛନ୍ତି। ଦୁଇଟି ଯାକ ଯୋଜନାରେ ହିତାଧିକାରୀ ମାଗଣାରେ ଚାଉଳ ପାଉଛନ୍ତି। ତେବେ ନୂଆ ହିତାଧିକାରୀଙ୍କୁ ଯୋଜନାରେ ସାମିଲ କରିବା ଏକ ନିରନ୍ତର ପ୍ରକ୍ରିୟା ବୋଲି ମନ୍ତ୍ରୀ କହିଛନ୍ତି।

ସୂଚନାନୁସାରେ, ରାସନ୍ କାର୍ଡରେ ଏବେ କେବଳ ମାଗଣା ଚାଉଳ ନୁହେଁ, ବହୁ ପ୍ରକାର ସୁବିଧା ସୁଯୋଗ ମିଳୁଛି। ବିଏସ୍‌କେୱାଇ, କମ୍ ସୁଧରେ ବ୍ୟାଙ୍କ ଋଣ, ଘରୋଇ ବିଦ୍ୟାଳୟରେ ନାମଲେଖା, ଉଚ୍ଚଶିକ୍ଷାରେ ନାମଲେଖା ଭଳି ଅନେକ ସୁବିଧା ସୁଯୋଗ ବହୁ ଲୋକଙ୍କୁ ଆକର୍ଷିତ କରୁଛି। କେନ୍ଦ୍ର ସରକାରଙ୍କ ରାସନ କାର୍ଡ ତୁଳନାରେ ରାଜ୍ୟ ସରକାରଙ୍କ ରାସନ କାର୍ଡରେ ଅନେକ ସୁବିଧା ସୁଯୋଗ। ଯୋଗ୍ୟତା ନଥାଇ ଆବେଦନ ଆସୁଥିବା ବେଳେ ଅନେକ ଯୋଗ୍ୟତା ଥିବା ଲୋକ ଯୋଜନାରେ ସାମିଲ ହେବା ପାଇଁ ଆବେଦନ କରୁଛନ୍ତି। ପୂର୍ବରୁ ହିତାଧିକାରୀ ପରିବାରରେ ଭାଇଭାଇ ଭାଗ ହେଲେ, କିମ୍ବା କାହାର ମୃତ୍ୟୁ ହେଲେ ନୂଆ ରାସନକାର୍ଡ ପାଇଁ ଆବେଦନ ଆସୁଛି। ତେବେ ସରକାରୀ ଭତ୍ତା କମ୍ ଦିନ ଭିତରେ ମିଳିଯାଉଥିବା ବେଳେ ରାସନ କାର୍ଡ ପାଇବା ପାଇଁ ବେଶ୍ ଅପେକ୍ଷା କରିବାକୁ ପଡୁଛି। କେନ୍ଦ୍ର ସରକାରଙ୍କ ରାସନ କାର୍ଡ ତୁଳନାରେ ରାଜ୍ୟ ସରକାରଙ୍କ ରାସନ କାର୍ଡରେ ଅନେକ ସୁବିଧାସୁଯୋଗ। ତେବେ ବିଭାଗର ଅନୁସନ୍ଧାନ ପରେ ଯାଇ ରାସନ କାର୍ଡ ଦିଆଯାଉଛି।

### ନୀଳଗିରିରେ ବିଜେପି ଓ କଂଗ୍ରେସ୍ ଛାଡ଼ିଲେ ଶତାଧିକ ନେତା, କର୍ମୀ

# ବିଜେଡିରେ ରହି ଲୋକଙ୍କ ପାଇଁ କାମ କରିବୁ

**ଭୁବନେଶ୍ୱର, ୭ ।୨(ସମିସ):** ରୂପାନ୍ତରଣର ସାରଥୀ, ବିକାଶ ପୁରୁଷ ନବୀନ ପଟ୍ଟନାୟକ ହିଁ ଓଡ଼ିଶାର ସର୍ବମାନ୍ୟ ନେତା। ତାଙ୍କର ନେତୃତ୍ୱ ଆମ ପାଇଁ ଗୌରବର ବିଷୟ। ଆଜି ଭୁବନେଶ୍ୱରର ଶଙ୍ଖ ଭବନରେ ଏପରି ନାରା ଦେଇ ବାଲେଶ୍ୱର ଜିଲ୍ଲା ନୀଳଗିରି ନିର୍ବାଚନମଣ୍ଡଳୀର ଶତାଧିକ ବିଜେପି ଓ କଂଗ୍ରେସ କର୍ମୀ ବିଜୁ ଜନତା ଦଳରେ



ସାମିଲ ହୋଇଛନ୍ତି। ଶଙ୍ଖଭବନଠାରେ ମନ୍ତ୍ରୀ ତଥା ବାଲେଶ୍ୱର ଜିଲ୍ଲା ପର୍ଯ୍ୟବେକ୍ଷକ ପ୍ରତାପ ଦେବ ସମସ୍ତଙ୍କୁ ଦଳରେ ସ୍ୱାଗତ କରିବା ସହିତ ତୃଣମୂଳ ସ୍ତରରେ ବିଜୁ ଜନତା ଦଳର ସଂଗଠନ ସୁଦୃଢ଼ କରିବା ପାଇଁ ଆହ୍ୱାନ ଜଣାଇଥିଲେ। ବିଜେପି ଓ କଂଗ୍ରେସ କର୍ମୀଙ୍କ ବିଜେଡ଼ିରେ ଯୋଗଦାନ ଫଳରେ ବିଶେଷକରି ନୀଳଗିରି ନିର୍ବାଚନମଣ୍ଡଳୀରେ ଦଳୀୟ ସଂଗଠନ ଆହୁରି ମଜଭୁତ ହେବ ବୋଲି ଶ୍ରୀ ଦେବ ବିଶ୍ୱାସବ୍ୟକ୍ତ କରିଥିଲେ।

ଏହି ଅବସରରେ ବିଜେଡିରେ ସାମିଲ୍ ହୋଇଥିବା କର୍ମୀମାନେ ନିଜ ପ୍ରତିକ୍ରିୟାରେ କହିଥିଲେ ଯେ ମୁଖ୍ୟମନ୍ତ୍ରୀ ତଥା ବିଜେଡ଼ି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ କାର୍ଯ୍ୟ ଯୋଗୁଁ ଓଡ଼ିଶା ଆଜି ବିଶ୍ୱ ଦରବାରରେ ସ୍ୱତନ୍ତ୍ର ପରିଚୟ ପାଇଛି। ମହିଳା ସଶକ୍ତୀକରଣ, ସମସ୍ତଙ୍କ ପାଇଁ ବିଶ୍ୱସ୍ତରୀୟ ସ୍ୱାସ୍ଥ୍ୟ ସେବା, ଶିକ୍ଷା, ନିଯୁକ୍ତି, ଶିଳ୍ପ ବିକାଶ, କ୍ରୀଡ଼ା ବିଶେଷକରି ଗରିବ କଲ୍ୟାଣ ନୀତି ପାଇଁ ନବୀନ ପଟ୍ଟନାୟକ ଦେଶରେ ଏକ ନମ୍ବର ମୁଖ୍ୟମନ୍ତ୍ରୀ ହୋଇଛନ୍ତି। ଆମକୁ ଦଳରେ ଗ୍ରହଣ କରିଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଦଳର ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ମନ୍ତ୍ରୀ ପ୍ରତାପ କେଶରୀ ଦେବ ଏବଂ ସମସ୍ତ ନେତୃବୃନ୍ଦଙ୍କୁ କୃତଜ୍ଞତା ଜ୍ଞାପନ କରୁଛୁ ବୋଲି ସେମାନେ କହିଥିଲେ।

ଏହି ମିଶ୍ରଣ ପର୍ବରେ ନୀଳଗିରି ଶିଶିର ଫାଉଣ୍ଡେସନର ସଭାପତି ସବ୍ୟସାଚୀ ମହାପାତ୍ର, ମହିଳା ସଭାପତି ପରିସ୍ମିତା ଦାସ, ୬ନଂ ୱାର୍ଡ଼ କାଉନସିଲର ପ୍ରତାପ ସେଠୀ, ନୀଳଗିରି ଏନଏସି ୱାର୍ଡ଼ ନଂ୬ର କଂଗ୍ରେସ ଯୁବ ନେତା ସନ୍ତୋଷ ମହାପାତ୍ର, ନିଗମ ରଞ୍ଜନ ରାଉତ, ଯୁବ କଂଗ୍ରେସ ସାଧାରଣ ସମ୍ପାଦକ ଡମ୍ବରୁଧର ବେହେରା, ପୂର୍ବତନ ସରପଞ୍ଚ ମଧୁସ୍ମିତା ସିଂ, ଚିନ୍ମୟ ଶରଣ ରାଉତ, ବିଜେପି ଯୁବ ନେତା ମୁକେଶ ସାହୁ, ଦେବାଶିଷ ନାୟକ, ପାର୍ବତୀ ସେଠୀ, ଝରଣା ସିଂ, ଲକ୍ଷ୍ମୀଧର ବାରିକ, ସ୍ୱାଧୀନ ଜିଲ୍ଲାପରିଷଦ ପ୍ରାର୍ଥୀ ମୋନାଲିସା ଦାସ, ଜଗବନ୍ଧୁ ବ୍ରହ୍ମ, ବୃନ୍ଦାବନ ପ୍ରଧାନ, ଅନୀଲ ଦାସ, ଶଶିକାନ୍ତ ବେହେରା, ମମତାରାଣୀ ବ୍ରହ୍ମ, ମାନସୀ ବେଜ, କାର୍ତ୍ତିକ ଚନ୍ଦ୍ର ରାଉତ, ପ୍ରଭାସ ବାରିକ, ଅମରେନ୍ଦ୍ର ବାରିକ, ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ଅମୃତ ବ୍ରହ୍ମ, ଷ୍ଟାଲିନ୍ ଦେ, ଦିବାକର ନାୟକ, ବଂଶୀଧର ନାୟକ, ପ୍ରଶାନ୍ତ ଜେନା, ପୂର୍ବତନ ବିଜେପି ଜିଲ୍ଲାପରିଷଦ ପ୍ରାର୍ଥୀ ଅର୍ଜୁନ ମାରାଣ୍ଡି, କମଳାକାନ୍ତ ସ, ପୂର୍ବତନ ସମିତିସଭ୍ୟ ପତିତପାବନ ସିଂଙ୍କ ସହ ଶତାଧିକ ବିଜେପି ଓ କଂଗ୍ରେସ କର୍ମୀ ସାମିଲ୍ ହୋଇଥିଲେ। ଏହି ମିଶ୍ରଣ ପର୍ବରେ ନୀଳଗିରି ନିର୍ବାଚନମଣ୍ଡଳୀର ପୂର୍ବତନ ବିଜେଡି ବିଧାୟକ ପ୍ରାର୍ଥୀ ସନ୍ତୋଷ ଖଟୁଆ ମଧ୍ୟ ଉପସ୍ଥିତ ଥିଲେ। ବିଜେଡ଼ି ମୁଖପାତ୍ର ଡଃ ପ୍ରିୟବ୍ରତ ମାଝୀ ଧନ୍ୟବାଦ ଦେଇଥିଲେ।

# ଆଦର୍ଶ ଶିକ୍ଷକଙ୍କ ପରଲୋକ



**କଟକ, ୭ ।୨(ସମିସ):** କୃତୀ ଶିକ୍ଷକ ପୀତବାସ ଜେନାଙ୍କର ୮୫ ବର୍ଷରେ ପରଲୋକ ଘଟିଛି। ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାରେ ମଙ୍ଗଳବାର ରାତିରେ ତାଙ୍କର ଦେହାନ୍ତ ହୋଇଛି। ସେ କଟକ ରାଣୀହାଟ ସ୍କୁଲରେ ଦୀର୍ଘ ୩୫ବର୍ଷରୁ ଅଧିକ ସମୟ ହେବ ଶିକ୍ଷକତା କରି ୧୯୯୯ରେ ଅବସର ନେଇଥିଲେ। ଅବସର ପରେ ସିଡିଏସ୍ଥିତ ବାସଭବନରେ ତାଙ୍କ ପୁଅମାନଙ୍କ ସହ ଅବସ୍ଥାନ କରୁଥିଲେ। ସେ ୧୯୩୯ରେ ଆଠଗଡ଼ ଓସ୍ତିଆ ଗ୍ରାମରେ ଜନ୍ମ ଗ୍ରହଣ କରିଥିଲେ। ତାଙ୍କର ଶିକ୍ଷକତା ସମୟରେ ଅନେକଥର କୃତୀ ଶିକ୍ଷକ ଭାବେ ସେ ଜିଲ୍ଲା ଓ ରାଜ୍ୟ ସ୍ତରରେ ସମ୍ମାନିତ ହୋଇଥିଲେ। ଅବସର ପରେ ବି ସେ ଅନେକ ସାମାଜିକ ଓ ଧାର୍ମିକ ଅନୁଷ୍ଠାନ ସହ ସମ୍ପୃକ୍ତ ଥିଲେ। ଶ୍ରୀ ଜେନା ବ୍ୟକ୍ତିଗତ ଜୀବନରେ ଜଣେ ସ୍ନେହୀ, ମିଷ୍ଟଭାଷୀ, ବନ୍ଧୁବତ୍ସଳ, ଦରଦୀ ଓ ପରୋପକାରୀ ବ୍ୟକ୍ତି ଥିଲେ। ତାଙ୍କର ଶେଷକୃତ୍ୟ ଆଜି ପୁରୀ ସ୍ୱର୍ଗଦ୍ୱାରଠାରେ ସମ୍ପନ୍ନ ହୋଇଛି। ତାଙ୍କ ଜ୍ୟେଷ୍ଠପୁତ୍ର ସତ୍ୟ ସ୍ୱରୂପ ଜେନା ମୁଖାଗ୍ନି ଦେଇଥିଲେ। ତାଙ୍କ ମୃତ୍ୟୁ ସିଡିଏ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି କରିଛି।





# ସୋନାଙ୍କ ରଙ୍ଗବତୀ... ଋତୁରାଜଙ୍କ ପୀୟା ପୀୟା...

ଏକାମ୍ର ଉତ୍ସବର ପଞ୍ଚମ ସନ୍ଧ୍ୟା





**ଭୁବନେଶ୍ୱର, ୭।୨(ସମିସ):**

ଏକାମ୍ର ମହୋତ୍ସବର ପଞ୍ଚମ ସନ୍ଧ୍ୟାର ପ୍ରମୁଖ ଆକର୍ଷଣ ସାଜିଥିଲେ ବଲିଉଡ୍ କଣ୍ଠଶିଳ୍ପୀ ଋତୁରାଜ ମହାନ୍ତି ଓ ସୋନା ମହାପାତ୍ର। ରଙ୍ଗବତୀ ଗୀତର ଧୂନ୍‌ରେ ମଞ୍ଚକୁ ଆସିଥିଲେ ସୋନା। ହେ ରଙ୍ଗ... ରଙ୍ଗ... ରଙ୍ଗ... ଲହର ବେଳେ ଦୁଲୁକିଥିଲା ଏକାମ୍ର ମଞ୍ଚ। ରଙ୍ଗବତୀ ସଙ୍ଗୀତରେ ମଜି ଯାଇଥିଲେ ବଲିଉଡ୍ କଣ୍ଠଶିଳ୍ପୀ ସୋନା। କଳାକାରମାନଙ୍କ ସହ ଦର୍ଶକ ମଧ୍ୟ ଏଥିରେ ଝୁମି ଉଠିଥିଲେ। ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶ୍ରୋତାମାନେ ମଞ୍ଚତଳେ ଝୁମିଥିଲେ। ଆରମ୍ଭରେ କୁଳଦୀପ ପଟ୍ଟନାୟକ ଜଗନ୍ନାଥଙ୍କୁ ସମର୍ପି ଆରମ୍ଭ କରିଥିଲେ ଆହେ ନୀଳ ଶଇଳ...। ଏହା ପରେ ତାଙ୍କ କଣ୍ଠରୁ କେବେ ଆସି ତୁ କହିଦେବୁ ମୋତେ ଭଲପାଉ ଦର୍ଶକଙ୍କୁ ବେଶ ଛୁଇଁଥିଲା। ପରେ ପରେ ସେ ରାଜହଂସୀ, ଶୁନ ମଇନା ଗୀତ ଗାଇଥିଲେ। ଏହା ପରେ କଣ୍ଠଶିଳ୍ପୀ ଋତୁରାଜ ପୀୟା ପୀୟା ଗୀତରୁ ତାଙ୍କ ପ୍ରଦର୍ଶନ ଆରମ୍ଭ କରିଥିଲେ। ତେରୀ ଦିୱାନି... ରମତା ଯୋଗୀ, ଅଧୁରୀ ଜିନ୍ଦେଗି..., ଓ ରେ ପିୟା... ଭଳି ଅନେକ ଗୀତ ଗାଇଥିଲେ। ଏଥିସହ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀର ଟାଇଟଲ୍ ଟ୍ରାକ୍ ଗାଇଥିଲେ। କଣ୍ଠଶିଳ୍ପୀ କ୍ରିଷ୍ଣା ବେଉରା ମଧ୍ୟ ତାଙ୍କ ସହ ଷ୍ଟେଜରେ ରହି ଭାଷା ସମ୍ମିଳନୀର ଗୀତ ଗାଇଥିଲେ। ରାଜ୍ୟ ସରକାର ସୁଯୋଗ ଦେବାରୁ ୬ବର୍ଷ ପରେ ଭୁବନେଶ୍ୱର ଆସିଲି ବୋଲି କହିଛନ୍ତି ସୋନା ମହାପାତ୍ର। ଇତି ମଧ୍ୟରେ ଭୁବନେଶ୍ୱର ବହୁତ ବଦଳି ଯାଇଛି। କାନ୍ଥରେ ବିକାଶର ଚିତ୍ର ଝଲସି ଉଠୁଛି। ମୁଁ ବାହାରେ ରହିଲେ ମଧ୍ୟ ଜଣେ ଓଡ଼ିଆ ଭାବେ ଗର୍ବ କରେ। ଓଡ଼ିଶାକୁ ବାହାରେ ପହଞ୍ଚାଇବାକୁ ସମସ୍ତଙ୍କ ସହଯୋଗ ଦରକାର ବୋଲି କହିଥିଲେ ସୋନା।



## ବୁଲିଲା ୨୦୦ ଡ୍ରୋନ୍

**ଭୁବନେଶ୍ୱର, ୭।୨(ସମିସ):** ଆକାଶରେ ଲେଖାଗଲା ବିଶ୍ୱର ବଡ଼ ଠାକୁର ଜଗନ୍ନାଥଙ୍କ ନାଁ। ରଙ୍ଗବେରଙ୍ଗର ଆଲୋକସଜ୍ଜାରେ 'ଜୟ ଜଗନ୍ନାଥ' ଶବ୍ଦକୁ ଆକାଶରେ ଲେଖାଯିବା ଭଳି ଏକ ନିଆରା ପ୍ରଦର୍ଶନ ଦର୍ଶକଙ୍କୁ ଏକାମ୍ର ଉତ୍ସବରେ ଭେଟି ଦେଇଥିଲା ବିଡିଏ। ଅବସର ଥିଲା ୩ ଦିନିଆ ଡ୍ରୋନ୍ ଶୋ'ର ଆରମ୍ଭ। ଆକାଶରେ ଉଡ଼ିବୁଲିଲା ଏକାସଙ୍ଗେ ୨୦୦ ଡ୍ରୋନ। ଆକାଶରେ ରଙ୍ଗବେରଙ୍ଗର ଚିତ୍ର ଆଙ୍କୁଥିଲା। ଭାଷାର ପ୍ରଚାର ପ୍ରସାର ପାଇଁ ୩ଦିନିଆ ଡ୍ରୋନ ଶୋ ବୁଧବାରଠାରୁ ଆରମ୍ଭ ହୋଇଯାଇଛି। ଆଗାମୀ ୨ଦିନ ମଧ୍ୟ ଏଭଳି ସୋ' କରାଯିବ। ୧୫ମିନିଟ୍ ଧରି ଏହି ଶୋ ଅନୁଷ୍ଠିତ ହୋଇଥିଲା। ଯାହାକୁ ଦେଖି ଉପସ୍ଥିତ ଦର୍ଶକ ବେଶ୍ ଉତ୍ସାହିତ ହୋଇଥିଲେ। ବିଡ଼ିଏ ପକ୍ଷରୁ ଆୟୋଜିତ ଏକାମ୍ର ଉତ୍ସବରେ ସୁଆଦିଆ ଖାଦ୍ୟଠାରୁ ଆରମ୍ଭ କରି ଜିନିଷ କିଣାବିକା ଓ ମନୋରଞ୍ଜନ ପାଇଁ କାର୍ଯ୍ୟକ୍ରମମାନ ଆୟୋଜନ କରାଯାଇଛି। ବିଶେଷକରି ଏକାମ୍ର ହଟର ଚଟ୍‌ପଟି ଖାଦ୍ୟ ଚର୍ଚ୍ଚାରେ ଥିଲା ବେଳେ ସନ୍ଧ୍ୟାରେ ଏଠାରେ ୟୁଥ୍ ବ୍ୟାଣ୍ଡ ଦ୍ୱାରା ପ୍ରଦର୍ଶିତ ସାଂସ୍କୃତିକ କାର୍ଯ୍ୟକ୍ରମ ଲୋକଙ୍କ ମନ ଜିଣୁଛି। ରାତ୍ରିକାଳୀନ ବଜାରରେ ଆକର୍ଷଣୀୟ ସାଜସଜ୍ଜା ସହ ବ୍ୟାଣ୍ଡର ପ୍ରଦର୍ଶନ ଦର୍ଶକଙ୍କ ଦୃଷ୍ଟି ଆକର୍ଷଣ କରୁଛି। ଗୁରୁବାର ସନ୍ଧ୍ୟାରେ ଟିସି ଲାଇଭ କଟକ ପକ୍ଷରୁ ସଙ୍ଗୀତଭିତ୍ତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ୧୦ସଦସ୍ୟଙ୍କୁ ନେଇ ଗଠିତ ବ୍ୟାଣ୍ଡରେ କଣ୍ଠଶିଳ୍ପୀଙ୍କଠୁ ନେଇ ଗୀଟାର ଆର୍ଟିଷ୍ଟ ଯାଏଁ ସମସ୍ତଙ୍କ ପରିବେଷଣ ଉଚ୍ଚକୋଟୀର ଥିଲା। ୫ଜଣ କଣ୍ଠଶିଳ୍ପୀଙ୍କ ସହ ବେସ୍ ଗୀଟାର, ଲିଡ୍ ଗୀଟାର, ଢୋଲ, ହ୍ୟାଣ୍ଡ ସୋନିକ, ଡ୍ରମ୍ ସେଟ୍, କିବୋର୍ଡରେ ଜଣେ ଲେଖାଏଁ ରହିଥିଲେ।

### ଆରମ୍ଭ ହେଲା ଡ୍ରୋନ୍ ଶୋ, ମନଜିଣୁଛି ୟୁଥ୍ ବ୍ୟାଣ୍ଡ




# ସ୍ୱରସାମ୍ରାଜ୍ଞୀଙ୍କୁ ସଙ୍ଗୀତରେ ଶ୍ରଦ୍ଧାଞ୍ଜଳି

**ଭୁବନେଶ୍ୱର, ୭।୨(ସମିସ):** ସ୍ୱର ସାମ୍ରାଜ୍ଞୀ ଭାରତରତ୍ନ ଲତା ମଙ୍ଗେସକରଙ୍କ ଦ୍ୱିତୀୟ ଶ୍ରାଦ୍ଧ ବାର୍ଷିକୀ ଅବସରରେ ରବୀନ୍ଦ୍ର ମଣ୍ଡପଠାରେ ସଙ୍ଗୀତ ସନ୍ଧ୍ୟା 'ଲତା ନାଇଟ୍-୨୦୨୪' ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସ୍ୱରସାମ୍ରାଜ୍ଞୀଙ୍କ ଅମ୍ଳାନ ସ୍ମୃତି ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ସାଂସ୍କୃତିକ ଅନୁଷ୍ଠାନ ଓଡ଼ିଶା ସିନେକ୍ରିଟିକ୍ ଆସୋସିଏସନ୍, 'ସଂସ୍କୃତି ଓ ସଂସ୍କୃତି' ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ସଙ୍ଗୀତ ସନ୍ଧ୍ୟାରେ ରାଜ୍ୟ ବହୁ ଜଣାଶୁଣା କଣ୍ଠଶିଳ୍ପୀ ଲତାଙ୍କ ଲୋକପ୍ରିୟ ସଙ୍ଗୀତ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ନିର୍ଦ୍ଦେଶକ ଦିଲୀପ ରାଉତରାଏ, ରାଜ୍ୟ କ୍ଷୁଦ୍ର ଶିଳ୍ପ ନିଗମର ଅଧ୍ୟକ୍ଷ ଚିନ୍ମୟ ସାହୁ ଅତିଥି ଭାବେ ଯୋଗଦେଇ ସ୍ୱର ସାମ୍ରାଜ୍ଞୀ ଲତାଙ୍କ ସଙ୍ଗୀତ ଯୁଗେ ଯୁଗେ କାଳଜୟୀ ହୋଇରହିବ ବୋଲି ମତବ୍ୟକ୍ତ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ପ୍ରାରମ୍ଭରେ ଅନୁଷ୍ଠାନର ସଭାପତି ତଥା ବରିଷ୍ଠ ସାମ୍ବାଦିକ ପ୍ରଦୋଷ ପଟ୍ଟନାୟକ ସ୍ୱାଗତ ଭାଷଣ ଦେଇଥିବା ବେଳେ ସିନେ ସମୀକ୍ଷକ ଦିଲ୍ଲୀପ ହାଲି ବିବରଣୀ ପ୍ରଦାନ କରିଥିଲେ। ନିକଟରେ ପରଲୋକ ଗମନ କରିଥିବା ଅଭିନେତା ଓ ନିର୍ଦ୍ଦେଶକ ପଦ୍ମଶ୍ରୀ ସାଧୁ ମେହେରଙ୍କ ସ୍ମୃତି ଉଦ୍ଦେଶ୍ୟରେ ନିରବ ପ୍ରାର୍ଥନା କରାଯାଇଥିଲା। ବାଦ୍ୟଗୁରୁ ଅବନୀକାନ୍ତ ଦାସଙ୍କ ସଂଯୋଜନାରେ ଆୟୋଜିତ ଏହି ସଙ୍ଗୀତ ସନ୍ଧ୍ୟାରେ କଣ୍ଠଶିଳ୍ପୀ ଆଦ୍ୟାଶା ଦାସ, ଛନ୍ଦା ମିଶ୍ର, ପ୍ରୀତିନନ୍ଦା ରାଉତ, ଅବନ୍ତିକା ପଟ୍ଟନାୟକ, ସାଇପ୍ରଜ୍ଞା, ଇପ୍‌ସିତା ମହାନ୍ତି, ରୀତିକା ରିମ୍‌ଝିମ୍, ଦେବଶ୍ରୀ ରାଜନନ୍ଦିନୀ ପ୍ରମୁଖ ଲତାଙ୍କ କାଳଜୟୀ ସଙ୍ଗୀତ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ଥିଲା ରାକେଶ ବିଶ୍ୱାଳଙ୍କ ଭାଓଲିନ୍ ମାଧ୍ୟମରେ ଲତାଙ୍କ ସଙ୍ଗୀତର ସ୍ୱର ବାଦନ। କାର୍ଯ୍ୟକ୍ରମକୁ ଗୁଲ୍‌ସନ୍ ନଦୀମ୍ ସଂଯୋଜନା କରିଥିବା ସ୍ଥଳେ ଅନୁଷ୍ଠାନ ପକ୍ଷରୁ ଲୁଟୁ ମହାନ୍ତି ଓ ରବୀନ୍ଦ୍ର ବିଶ୍ୱାଳ ପରିଚାଳନା କରିଥିଲେ।



# ପଞ୍ଚମବେଦ ରାଜ୍ୟସ୍ତରୀୟ ନାଟକ ମହୋତ୍ସବ

**ଭୁବନେଶ୍ୱର, ୭।୨(ସମିସ):** ପଞ୍ଚମବେଦର ରାଜ୍ୟସ୍ତରୀୟ ନାଟକ ମହୋତ୍ସବ ଓ 'ପଞ୍ଚମବେଦ ସମ୍ମାନ' ଭଞ୍ଜକଳା ମଣ୍ଡପଠାରେ ଉଦ୍‌ଘାଟିତ ହୋଇଯାଇଛି। ୫ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଏହି ନାଟକ ମହୋତ୍ସବର ପ୍ରଥମ ସନ୍ଧ୍ୟାରେ ମଞ୍ଚସ୍ଥ ହୋଇଯାଇଛି ନାଟକ 'ସ୍ମୃତି ବିସ୍ମୃତି'। ବାରିପଦା ରୂପାନ୍ତର ନାଟ୍ୟସଂସ୍ଥା ଦ୍ୱାରା ପରିବେଷିତ ଏହି ନାଟକର ରଚନା ଭାସ୍କର ଚନ୍ଦ୍ର ମହାପାତ୍ର କରିଥିବା ବେଳେ ନିର୍ଦ୍ଦେଶନା ଦେଇଛନ୍ତି ପରେଶ ସାହୁ। ନାଟକର କାହାଣୀ ଅନୁସାରେ, ଯୌଥ ପରିବାର ବିଲୋପ ପରେ ଧୀରେ ଧୀରେ ଆମମାନଙ୍କ ଭିତରେ ଏକାନ୍ନବର୍ତ୍ତୀ ପରିବାର ଗଢ଼ିବାର ଆଶା ଗଢ଼ି ଉଠିଲା। ଯେଉଁଥିରେ ସବୁଠାରୁ ବେଶୀ ଅସୁବିଧାରେ ପଡ଼ିଲେ ବରିଷ୍ଠ ନାଗରିକ। ପାଶ୍ଚାତ୍ୟ ସଭ୍ୟତା ଶିକ୍ଷାଲାଭ କରି ଆଜିର ଯୁବପିଢ଼ି ନିଜର ଅତି ଆପଣାର ବାପା, ମା'ଙ୍କୁ ମଧ୍ୟ ହତାଦର କରୁଛନ୍ତି। ଯାହାକୁ ନାଟକରେ ଦର୍ଶାଯାଇଛି। ସନ୍ଧ୍ୟାରେ ଅତିଥି ଭାବେ ସଂସ୍କୃତି ବିଭାଗ ନିର୍ଦ୍ଦେଶକ ଦିଲ୍ଲୀପ ରାଉତରାଏ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସଚିବ ପ୍ରବୋଧ ରଥ, ନାଟ୍ୟକାର ଧିରେନ୍ଦ୍ର ନାଥ ମଲ୍ଲିକ, ପଞ୍ଚମବେଦର ସଭାପତି ହରେନ୍ ସାହୁ ଉପସ୍ଥିତ ଥିଲେ। ଯକ୍ରମକୁ ପରିଚାଳନା କରିଥିଲେ ପ୍ରକାଶ ମାହରଣା।

# ୨ ବର୍ଷରେ ୨୬ କ୍ୱିଣ୍ଟାଲ୍ ନକଲି ସିଗାରେଟ୍, ଗୁଟ୍‌ଖା ଜବତ

**ଭୁବନେଶ୍ୱର, ୭ ।୨(ସମିସ):**

ଜୀବନ ନେଉଥିବା କ୍ଷତିକାରକ ନିଶାଦ୍ରବ୍ୟ ବି ନକଲି। ଓଡ଼ିଶାରେ ଚାହିଦା ରହିଥିବା ନିଶାଦ୍ରବ୍ୟ ସିଗାରେଟ, ଗୁଟ୍‌ଖା ଓ ଜର୍ଦ୍ଦା ଏବେ ନକଲି ଆସୁଛି। ଭୁବନେଶ୍ୱର ସମେତ ସାରା ରାଜ୍ୟରେ ଏହି ତମାଖୁ କିମ୍ବା ଧୂମ୍ରପାନର ନକଲି କାରବାର ମାଡ଼ିଗଲାଣି। ତମାଖୁଜାତ ଦ୍ରବ୍ୟର ଚାହିଦା ଥିବାରୁ କିଛି ଅସାଧୁ ବ୍ୟବସାୟୀ ଗୋଦାମ କରି ନକଲି ଗୁଟ୍‌ଖା ଓ ସିଗାରେଟ୍ ଏବଂ ଜର୍ଦ୍ଦା ପ୍ରସ୍ତୁତ କରୁଛନ୍ତି। ଅବିକଳ ପ୍ୟାକେଟ୍ କରି ସେଠାରେ ଭର୍ତ୍ତି କରି ଓଡ଼ିଶାରେ ବିକ୍ରି କରିବା ସହ ପଡ଼ୋଶୀ ଜିଲ୍ଲାକୁ ଚାଲାଣ କରୁଛନ୍ତି। ତମାଖୁଜାତ ଦ୍ରବ୍ୟର ନକଲି କାରବାର ରୋକିବା ଲାଗି ସ୍ପେଶାଲ ଟାସ୍କ ଫୋର୍ସ(ଏସ୍‌ଟିଏଫ୍) ପକ୍ଷରୁ ଚଢ଼ଉ କରାଯାଇ ଗତ ଦୁଇବର୍ଷ ଭିତରେ ୨୬ କ୍ୱିଣ୍ଟାଲରୁ ଊର୍ଦ୍ଧ୍ୱ ଗୁଟ୍‌ଖା, ପୁଳାପୁଳା ସିଗାରେଟ୍ ଓ ବସ୍ତା ବସ୍ତା ଜର୍ଦ୍ଦା ପ୍ୟାକେଟ୍ ଜବତ ହୋଇଛି। ଜଟଣୀ, ବାଲିପାଟଣା, କଟକ, ବାଲେଶ୍ୱର, ଜଳେଶ୍ୱର, ଯାଜପୁର ଭଳି ଜିଲ୍ଲାରେ ଚଢ଼ଉ କରାଯାଇ ଏହି ସବୁ ମାଦକଦ୍ରବ୍ୟ ଜବତ ହୋଇଛି।

- **ବାଂଲାଦେଶ ଓ ମାଲେସିଆରୁ ଆସୁଛି ନକଲି ସିଗାରେଟ୍**
- **ଅନୁମତିପ୍ରାପ୍ତ ସଂସ୍ଥାର ଲୋଗୋ ଓ ଷ୍ଟିକରକୁ ନକଲ**

କେବଳ ଓଡ଼ିଶାରେ ନକଲି ସିଗାରେଟ୍ କିମ୍ବା ଗୁଟ୍‌ଖା ପ୍ରସ୍ତୁତ ହେଉନି। ଦେଶ ତଥା ରାଜ୍ୟ ବାହାରୁ ଓଡ଼ିଶାକୁ ଆସୁଛି ଏସବୁ ମାଦକଦ୍ରବ୍ୟ। ବାଂଲାଦେଶ ଓ ମାଲେସିଆରୁ ନକଲି ସିଗାରେଟ୍ ଓଡ଼ିଶାକୁ ଆସିବାର ନଜର୍ ରହିଛି। ଏଣୁ ଓଡ଼ିଶା ଅବା ଭୁବନେଶ୍ୱର ମାର୍କେଟ୍‌ରେ ନକଲି ସିଗାରେଟ୍ କିମ୍ବା ଗୁଟ୍‌ଖା ଛାଇ ହୋଇଯାଇଥିବା କୁହାଯାଇଛି। ସେଭଳି ଅନୁମତିପ୍ରାପ୍ତ ସଂସ୍ଥାର ଲୋଗୋ ଓ ଷ୍ଟିକରକୁ ନକଲ କରି ଏଭଳି କାରବାର ଚଳାଇବାରେ ଏକ ନେଟ୍‌ୱାର୍କ କାମ କରୁଛି। ସେହିପରି ବିଭିନ୍ନ କମ୍ପାନିର ଲୋଗୋ ଓ ପ୍ୟାକେଟ୍‌କୁ ଅବିକଳ କରି ସିଗାରେଟ୍ ଓ ଗୁଟ୍‌ଖା ଆଦି ପ୍ରସ୍ତୁତ କରୁଛନ୍ତି। କିନ୍ତୁ ଏବିଷୟରେ ତଦନ୍ତ କରୁଥିବା ସଂସ୍ଥାଗୁଡିକ ଏବେ ଚୁପ୍ ହୋଇ ବସି ରହିଛନ୍ତି। ତେଣୁ ନକଲି ନିଶାଦ୍ରବ୍ୟ ପ୍ରସ୍ତୁତ କରୁଥିବା ସଂସ୍ଥାଗୁଡ଼ିକ ସକ୍ରିୟ ହୋଇଛନ୍ତି। ସେପଟେ ଅଭିଯୋଗ ଆସିଲେ ଚଢ଼ଉ କରାଯାଇ ସହ ନକଲି ତମାଖୁଜାତ ଦ୍ରବ୍ୟ ଜବତ କରାଯାଉଛି। ଏପରିକି ରାଜ୍ୟ ବାହାରକୁ ବେଆଇନ୍ ଭାବେ ଆସୁଥିବା ଗୁଟ୍‌ଖା ଓ ସିଗାରେଟ୍ ଉପରେ ତୀକ୍ଷ୍ଣ ନଜର ରଖାଯାଇଛି। ସେଭଳି ଖବର ଆସିଲେ ଚଢ଼ଉ କରାଯିବ ବୋଲି ଏସ୍‌ଟିଏଫ୍ ପକ୍ଷରୁ କୁହାଯାଇଛି।



### ନକଲି ସିଗାରେଟ୍ ରପ୍ତାନି ଓ ଆମଦାନି

ଓଡ଼ିଶାର ବିଭିନ୍ନ ସ୍ଥାନରୁ ନକଲି ସିଗାରେଟ୍ ପ୍ରସ୍ତୁତ କରାଯାଇ ରାଜ୍ୟ ବାହାରକୁ ରପ୍ତାନୀ ହେଉଛି। ବାଲେଶ୍ୱର, କେନ୍ଦୁଝର, ସୁନ୍ଦରଗଡ଼, ଯାଜପୁର, କେନ୍ଦ୍ରାପଡ଼ା ଓ ଭୁବନେଶ୍ୱରରେ ବିକ୍ରି କରାଯାଉଛି। ଅବିକଳ କିମ୍ବା ଅନ୍ୟ ନାମରେ ସିଗାରେଟ୍ ଓ ଗୁଟ୍‌ଖାକୁ ଏଠାକାର ବଜାରରେ ବିକ୍ରି କରାଯାଉଛି। ସେଭଳି ରାଜ୍ୟ ବାହାରକୁ ବି ଓଡ଼ିଶାରେ ପ୍ରସ୍ତୁତ କରାଯାଇ ସିଗାରେଟ୍ ପଠାଯାଉଛି। ପଶ୍ଚିମବଙ୍ଗ, ବିହାର, ଝାଡଖଣ୍ଡ, ଛତିଶଗଡ଼, ଉତ୍ତରପ୍ରଦେଶ, ମଧ୍ୟପ୍ରଦେଶ, ତେଲେଙ୍ଗାନା ଓ ଆସାମ ଭଳି ରାଜ୍ୟକୁ ପଠାଯାଉଛି। ରାଜ୍ୟ ତଥ୍ୟ ଦେଶ ବାହାରୁ ନକଲି ସିଗାରେଟ୍ ଓଡ଼ିଶା ବଜାରକୁ ଆମଦାନି ହେଉଛି। ମାଲେସିଆ, ବାଂଲାଦେଶ, ପଞ୍ଜାବ, ଦିଲ୍ଲୀ ଓ ମୁମ୍ବାଇରୁ ଆଦିରୁ ଏଠାକୁ ନକଲି ସିଗାରେଟ୍ ଆସୁଛି।

### ବ୍ରାଉନ୍‌ସୁଗରରେ ମଶାଧୂପ ଓ ଝିଟିପିଟି ପାଉଁଶ

ସବୁଠାରୁ ଅଧିକ ଚାହିଦା ରହିଥିବା ନିଶାଦ୍ରବ୍ୟ ବ୍ରାଉନ୍‌ସୁଗର ଅପମିଶ୍ରଣ କରାଯାଉଛି। ନିଶା ମାଫିଆ କିଲୋ କିଲୋ ବ୍ରାଉନ୍‌ସୁଗର କିଣିବା ପରେ ସେଥିରେ ଅପମିଶ୍ରଣ କରୁଛନ୍ତି। ଏଥିରେ ଧୂପ ଓ ମଶାଧୂପ ପାଉଁଶ, ମଲା ପୋଡ଼ା ଝିଟିପିଟି ପାଉଁଶ ଏବଂ ହୋମିଓପାଥି ଔଷଧର ପାଉଡର୍ ମିଶାଇ କରାଯାଉଛି। ସେହିପରି ଓଡ଼ିଶାକୁ ଏବେ ନକଲି ମଦ ଆସୁଛି। ଅରୁଣାଞ୍ଚଳପ୍ରଦେଶ, ବିହାର ଓ ଛତିଶଗଡ଼ ଏବଂ କୋଲକାତାରୁ ମଦ ଓଡ଼ିଶା ବଜାରକୁ ଆସୁଛି। ତେବେ ଚୋରା ମଦ କାରବାର ରୋକିବାକୁ ଅବକାରୀ ବିଭାଗ ସ୍ୱତନ୍ତ୍ର ଖସଡ଼ା ପ୍ରସ୍ତୁତ କରିଛି। ଆନ୍ତଃରାଜ୍ୟ ସୁରକ୍ଷା ନେଇ ସୀମାବର୍ତ୍ତୀ ଜିଲ୍ଲାଗୁଡ଼ିକରେ ୨୪ ଘଣ୍ଟିଆ ସୁରକ୍ଷା ବ୍ୟବସ୍ଥା କରାଯାଉଛି। କର୍ମଚାରୀଙ୍କୁ ୩୮ଟି ଚେକିଂ ପଏଣ୍ଟରେ କଡ଼ାକଡ଼ି ଭାବେ ଜଗିବାକୁ ଅବକାରୀ ଟିମ୍ ପକ୍ଷରୁ କୁହାଯାଇଛି।

DADLS-95



ଓଡ଼ିଶା ସରକାର

ବିଶିଷ୍ଟ ସଂଗ୍ରାମୀ ତଥା
ଓଡ଼ିଶାର ପୂର୍ବତନ ଉପ ମୁଖ୍ୟମନ୍ତ୍ରୀ
ସ୍ୱର୍ଗତ ପବିତ୍ର ମୋହନ ପ୍ରଧାନଙ୍କ
ରାଜ୍ୟସ୍ତରୀୟ ଜୟନ୍ତୀ

୮ ଫେବୃଆରୀ, ୨୦୨୪

ସନ୍ଧ୍ୟା ୬ ଘଟିକା | ସାଧାରଣ ସଭା | ଜୟଦେବ ଭବନ

ମୁଖ୍ୟ ଅତିଥି : – ଶ୍ରୀଯୁକ୍ତ ବ୍ରଜ କିଶୋର ପ୍ରଧାନ, ମାନ୍ୟବର ବିଧାୟକ, ତାଳଚେର

ବିଶିଷ୍ଟ ଅତିଥି : – ଶ୍ରୀଯୁକ୍ତ ମୁକେଶ ପାଲ, ମାନ୍ୟବର ବିଧାୟକ, ପାଲଲହଡ଼ା

ସମ୍ମାନନୀୟା ଅତିଥି – କସ୍ତୁରୀ ମହାପାତ୍ର, ସଂପାଦକ, ଉତ୍କଳ ପ୍ରସଙ୍ଗ ଓ ଓଡ଼ିଶା ରିଭ୍ୟୁ

ମୁଖ୍ୟବକ୍ତା : – ଶ୍ରୀଯୁକ୍ତ ଦାଶ ବେନହୁର, ବିଶିଷ୍ଟ ସାହିତ୍ୟିକ ତଥା ସ୍ତମ୍ଭକାର

ସୂଚନା ଓ ଲୋକସମ୍ପର୍କ ବିଭାଗ ଆନୁକୂଲ୍ୟରେ ଆୟୋଜିତ
ଏହି ସମାରୋହରେ ଯୋଗ ଦେବାକୁ ବିନମ୍ର ଅନୁରୋଧ ।

ନିର୍ଦ୍ଦେଶକ
ସୂଚନା ଓ ଲୋକସମ୍ପର୍କ ବିଭାଗ

OIPR-15001/13/0344/2324



# ଭୁବନେଶ୍ୱର ସିଟି

## ଶାଢ଼ିପିନ୍ଧି ମାରାଥନ୍



ଲକ୍ଷ୍ୟ: ଓଡ଼ିଶାର ସଂସ୍କୃତିକୁ ରାଜ୍ୟ ବାହାରେ ପରିଚିତ କରାଇବା

**ଭୁବନେଶ୍ୱର, ୭।୨(ସମିସ):** ଇଛାଶକ୍ତି ଆଗରେ ହାର ମାନିଛି ବୟସ। ଟ୍ରାକ୍ ସୁଟ ବଦଳରେ ଶାଢ଼ି ପିନ୍ଧି ମାରାଥନରେ ଦୌଡୁଛନ୍ତି ୫୦ ବର୍ଷୀୟ ବବିତା। ଭୁବନେଶ୍ୱର କଳିଙ୍ଗ ବିହାରରେ ରହୁଥିବା ବବିତା ଦେବଦର୍ଶନୀ ରାଜ୍ୟ ତଥା ରାଜ୍ୟ ବାହାରେ ଅନେକ ମାରାଥନରେ ଭାଗନେଇ ମେଡାଲ୍ ମଧ୍ୟ ଜିତିଛନ୍ତି। କେବଳ ଯେ ରାଜ୍ୟ ବାହାରେ ମାରାଥନରେ ଭାଗ ନେଉ ନାହାନ୍ତି ବରଂ ଓଡ଼ିଶାର ସଂସ୍କୃତିକୁ ମଧ୍ୟ ରାଜ୍ୟବାହାରେ ପରିଚିତ କରାଉଛନ୍ତି। ଜଣେ ଗୃହିଣୀ ହୋଇଥିବା ବେଳେ ଏବେ ମାରାଥନରେ ଭାଗ ନେଇ ଦୌଡ଼ିବା ତାଙ୍କର ନିଶା ପାଲଟିଛି। ବିଶ୍ୱ ଦରବାରରେ ଓଡ଼ିଶାର ହସ୍ତତନ୍ତର କରୁକାର୍ଯ୍ୟକୁ ପହଞ୍ଚାଇବା ପାଇଁ ସେ ଏଭଳି କରୁଥିବା କହିଛନ୍ତି। ସେ ଏବେ ଓଡ଼ିଶା ସମେତ ମହାରାଷ୍ଟ୍ର, ହାଇଦରାବାଦ, ଭିଶାଖାପଟ୍ନାମ, କୋଲକାତାରେ ମାରାଥନରେ ଭାଗ ନେଇ ଅନେକ ମେଡାଲ ଜିତିଲେଣି। ସେ ନିଜକୁ ଫିଟ୍ ରଖିବା ପାଇଁ ସକାଳୁ ଘର କାମ ସାରି ପ୍ରତିଦିନ ୫ କିଲୋମିଟର ଦୌଡ଼ିବା ସହିତ ଯୋଗ କରନ୍ତି। ଆଗାମୀ ଦିନରେ ଶାଢ଼ି ପିନ୍ଧି ବିଦେଶରେ ମଧ୍ୟ ଦୌଡ଼ିବାକୁ ସେ ଲକ୍ଷ୍ୟ ରଖିଛନ୍ତି। ବବିତା ୨୦୧୯ ମସିହାରୁ ମାରାଥନରେ ଯୋଗ ଦେବା ଆରମ୍ଭ କରିଥିଲେ। ୫, ୧୦, ୧୫ କିଲୋମିଟରୁ ସେ ହାପ ମାରାଥନ ଦୌଡ଼ିବା ଆରମ୍ଭ କରିଥିଲେ। କଟକ, ଭୁବନେଶ୍ୱର, ସମ୍ବଲପୁର ପରି ଓଡ଼ିଶାର ଅନେକ ସ୍ଥାନରେ ସେ ଭାଗ ନେଇ ପୋଡିଅମ ୱିନର ମଧ୍ୟ ହୋଇଛନ୍ତି।

## ୯ ରୁ ଧଉଳି-କଳିଙ୍ଗ ମହୋତ୍ସବ

**ଭୁବନେଶ୍ୱର, ୭।୨(ସମିସ):** ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ଡ୍ୟାନ୍ସ ଏକାଡେମୀ ପକ୍ଷରୁ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସହଯୋଗରେ ଫେବୃଆରୀ ୯ ତାରିଖରୁ ଆରମ୍ଭ ହେବ ବିଂଶତମ ଧଉଳି କଳିଙ୍ଗ ମହୋତ୍ସବ। ଧଉଳି ପାହାଡ଼ ପାଦଦେଶରେ ୧୧ ତାରିଖ ପର୍ଯ୍ୟନ୍ତ ଏହି ମହୋତ୍ସବ ଚାଲିବ। ଚଳିତ ବର୍ଷ ଓଡ଼ିଶୀ ନୃତ୍ୟଶିଳ୍ପୀ ପଦ୍ମଶ୍ରୀ

- ‘ପଦ୍ମଶ୍ରୀ ମାଧବୀ ମୁଦଗଲଙ୍କୁ ‘ବୁଦ୍ଧ ସମ୍ମାନ’
- ୪ ବିଶିଷ୍ଟ ବ୍ୟକ୍ତିଙ୍କୁ ‘ଗୁରୁ ଗଙ୍ଗାଧର ସ୍ମୃତି ସମ୍ମାନ’

ମାଧବୀ ମୁଦଗଲଙ୍କୁ ‘ବୁଦ୍ଧ ସମ୍ମାନ’ ପ୍ରଦାନ କରାଯିବ। ସମ୍ମାନ ସ୍ୱରୂପ ତାଙ୍କୁ ୨ଲକ୍ଷ ଟଙ୍କାର ଅର୍ଥରାଶି ସମେତ ମାନପତ୍ର ଓ ଅଙ୍ଗବସ୍ତ୍ର ପ୍ରଦାନ କରାଯାଇ ସମ୍ମାନୀତ କରାଯିବ। ସେହିପରି ଗୁରୁ ସୀମାଞ୍ଚଳ ପାତ୍ର, ଗୁରୁ ଦେବେନ୍ଦ୍ର ନାରାୟଣ ଶତପଥୀ, ଗୁରୁ ରତିକାନ୍ତ ମହାପାତ୍ର ଏବଂ ଗୁରୁ ଡ. ସିଦ୍ଧାର୍ଥ ମହାନ୍ତିଙ୍କୁ ‘ଗୁରୁ ଗଙ୍ଗାଧର ସ୍ମୃତି ସମ୍ମାନ’ ପ୍ରଦାନ କରାଯିବ। ଏହି ସମ୍ମାନ ସ୍ୱରୂପ ୧ଲକ୍ଷ ଟଙ୍କାର ଅର୍ଥରାଶି ସହ ମାନପତ୍ର ଓ ଅଙ୍ଗବସ୍ତ୍ର ପ୍ରଦାନ କରାଯିବ ବୋଲି ବୁଧବାର ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ସଚିବ ସୁଜାତା କାର୍ତ୍ତିକେୟନ, ବିଭାଗୀୟ ନିର୍ଦ୍ଦେଶକ ଦିଲ୍ଲୀପ ରାଉତରାଏଙ୍କ ସମେତ ଓଡ଼ିଶା ଡ୍ୟାନ୍ସ ଏକାଡେମୀ ଓ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ବରିଷ୍ଠ ଅଧିକାରୀମାନେ ସୂଚନା ଦେଇଛନ୍ତି। ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟ ଓ ପର୍ଯ୍ୟଟନ ମନ୍ତ୍ରଣାଳୟ ମଧ୍ୟ ଏହି ମହୋତ୍ସବରେ ସହଯୋଗ କରୁଛନ୍ତି।




## ୭ଦଫା ଦାବି ନେଇ ଗାନ୍ଧୀମାର୍ଗରେ ସାମ୍ବାଦିକ ସମାବେଶ

**ଭୁବନେଶ୍ୱର, ୭।୨(ସମିସ):** ବିଭିନ୍ନ ଦଫା ଦାବିନେଇ ବୁଧବାର ସାରା ରାଜ୍ୟରୁ ଆସିଥିବା ପ୍ରାୟ ଦୁଇ ହଜାର ସାମ୍ବାଦିକ ବିଧାନସଭା ଘେରାଉ କରିଛନ୍ତି। ସାମ୍ବାଦିକ ସୁରକ୍ଷା ଆଇନ ପ୍ରଣୟନ, ବୟସ୍କ ସାମ୍ବାଦିକଙ୍କୁ ପେନ୍‌ସନ ପ୍ରଦାନ, ସ୍ୱାସ୍ଥ୍ୟବୀମା ଯୋଜନାରେ ପିତାମାତା ଓ ୨୫ବର୍ଷରୁ ଉର୍ଦ୍ଧ୍ୱ ସନ୍ତାନମାନଙ୍କୁ ସାମିଲ୍ କରାଯିବା, ମିଡ଼ିଆ ଏକାଡେମୀ ଗଠନ କରିବା, ଅଧିସ୍ୱୀକୃତି କମିଟି ପୁନର୍ଗଠନ ଓ ବ୍ୟାପକ ଅଧିସ୍ୱୀକୃତି ପ୍ରଦାନ, ଲୋକସେବା ଭବନ ସମେତ ରାଜ୍ୟର ସମସ୍ତ ସରକାରୀ କାର୍ଯ୍ୟାଳୟରେ ସାମ୍ବାଦିକଙ୍କ ପ୍ରବେଶାଧିକାର ଅନ୍ତର୍ଭୁକ୍ତ କରିବାକୁ ଦାବି କରିଛି ଉତ୍କଳ ସାମ୍ବାଦିକ ସଂଘ। ଲୋୟର ପିଏମ୍‌ଜି ଠାରେ ଅନୁଷ୍ଠିତ ବିକ୍ଷୋଭ ସମାବେଶରେ ଉତ୍କଳ ସାମ୍ବାଦିକ ସଂଘର ରାଜ୍ୟ ସଭାପତି ବିଭୂତି ଭୂଷଣ କର ଅଧକ୍ଷତା କରିଥିବା ବେଳେ ସଂଘର ଉପଦେଷ୍ଟା ପ୍ରଦୋଷ କୁମାର ପଟ୍ଟନାୟକ, ରବି ଦାସ, ସନତ ମିଶ୍ର, ପୀତବାସ ମିଶ୍ର, ସୁଜ୍ଞାନ ଚୌଧୁରୀ, ଶ୍ରୀମୟ କର, ପର୍ଯ୍ୟବେକ୍ଷକ ସମ୍ପାଦକ ପବିତ୍ର ମୋହନ ସାମନ୍ତରାୟ, ନିରଞ୍ଜନ ବିଶ୍ୱାଳ, ବିପିନ ସିଂ, କିଶୋର ଦ୍ୱିବେଦୀ, ବଙ୍କିମ ଚନ୍ଦ୍ର ନାୟକ, ପପୁ ମହାନ୍ତି, ସଂଘର ସାଧାରଣ ସମ୍ପାଦକ ବେଣୁଧର ପଣ୍ଡା, କାର୍ଯ୍ୟକାରୀ ସଭାପତି ପୂର୍ଣ୍ଣଚନ୍ଦ୍ର ନାୟକ, ପ୍ରମୋଦ ପଟ୍ଟନାୟକ, ହାରାଧନ ବାନାର୍ଜୀ, କୋଷାଧକ୍ଷ ରାଜେନ ଚୌଧୁରୀ, ଉପସଭାପତି ଡ. ରଶ୍ମିରଞ୍ଜନ ମିଶ୍ର, ପ୍ରଦୀପ ତ୍ରିପାଠୀ, ସତ୍ୟନାରାୟଣ ମିଶ୍ର, ରବି ନାରାୟଣ ଖିଲାର ସାମିଲ ହୋଇଥିଲେ।



## ୯ରୁ କଳିଙ୍ଗ ସାହିତ୍ୟ ମହୋତ୍ସବ

**ଭୁବନେଶ୍ୱର, ୭।୨(ସମିସ):** ଫେବୃଆରୀ ୯ରୁ ୧୧ ପର୍ଯ୍ୟନ୍ତ ୩ଦିନ ଧରି ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ ହେବ ‘ଦଶମ କଳିଙ୍ଗ ସାହିତ୍ୟ ମହୋତ୍ସବ’। ଏହି ମହୋତ୍ସବକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଭାସୀ ମାଧ୍ୟମରେ ଉଦ୍‌ଘାଟନ କରିବେ। ମହୋତ୍ସବରେ ୩ଟି ଦେଶର ବହୁ ଆନ୍ତର୍ଜାତିକ ବକ୍ତାମାନେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ଜ୍ଞାନପୀଠ ବିଜେତା ସୀତାକାନ୍ତ ମହାପାତ୍ର, ଉଦୟ ପ୍ରକାଶ, ଅରୁଣ କମଲ, ନାସିରା ଶର୍ମା, ପାରମିତା ଶତପଥୀ, ବୀଣା ପୌଡୟାଲ ପ୍ରମୁଖ ଯୋଗଦେବେ। ଏହି ଅବସରରେ ୨୦୨୪ ବର୍ଷ ପାଇଁ ଔପନାସିକା ନାସିରା ଶର୍ମା, ଲକ୍ଷ୍ମୀ ମୁର୍ଦ୍ଦେଶ୍ୱର ପୁରୀ, ପ୍ରଫେସର ବୀଣା ପୌଡୟାଲଙ୍କୁ ‘କଳିଙ୍ଗ ସାହିତ୍ୟ ପୁରସ୍କାର’ ପ୍ରଦାନ କରାଯିବ। ସେହିପରି ଯୁବବର୍ଗରେ ରାଧିକା ଆୟେଙ୍ଗରଙ୍କୁ ‘କଳିଙ୍ଗ ସାହିତ୍ୟ ପୁରସ୍କାର’ ପ୍ରଦାନ କରାଯିବ। ଏହାସହ ୬୦ କାରିଗରଙ୍କ ସୃଜନଶୀଳ କଳାକୃତି ପ୍ରଦର୍ଶିତ କରାଯିବା ସହ କେଏଲଏଫ୍ ପୁସ୍ତକ ପୁରସ୍କାରରେ ସାହିତ୍ୟ ଜଗତକୁ ଋଦ୍ଧିମନ୍ତ କରିଥିବା ୨୦ଜଣ ବିଶିଷ୍ଟ ଲେଖକଙ୍କୁ ପୁରସ୍କୃତ କରାଯିବ।

## ମହାଭାରତ ଉପରେ ଗବେଷଣା କରୁଥିବା ହଲାଣ୍ଡ ଗବେଷକଙ୍କ ସୋଆ ପରିଦର୍ଶନ



**ଭୁବନେଶ୍ୱର, ୭।୨(ସମିସ):** ମହାଭାରତ କାବ୍ୟକୁ ନେଇ ଦୀର୍ଘ ୨୦ ବର୍ଷ ହେବ ଗବେଷଣା ଚଳାଇଥିବା ହଲାଣ୍ଡର ପ୍ରଫେସର ଆର୍ଲୋଗ୍ରିଫିଥ୍‌ସ ବୁଧବାର ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ସେଣ୍ଟର ଫର୍ ପ୍ରିଜରଭେସନ୍, ପ୍ରୋପାଗେସନ୍ ଆଣ୍ଡ ରେଷ୍ଟୋରେସନ୍ ଅଫ୍ ଆନ୍‌ସିଏଣ୍ଟ୍ କଲ୍‌ଚର ଆଣ୍ଡ ହେରିଟେଜ୍ ଅଫ୍ ଇଣ୍ଡିଆ (ପ୍ରାଚୀନ୍) ପରିଦର୍ଶନକରିବା ସହ ଗବେଷକମାନଙ୍କ ସହ ଆଲୋଚନା କରିଥିଲେ। ସେ ନିୟମିତ ଓଡ଼ିଶା ଆସୁଥିବା ବେଳେ ମହାଭାରତ କାବ୍ୟକୁ ନେଇ ଗବେଷଣା କରୁଛନ୍ତି। ସେ ବର୍ତ୍ତମାନ ଇଣ୍ଡୋନେସିଆରେ ଅବସ୍ଥାପିତ। ଏହି ଅବସରରେ ସେ ସୋଆର ପ୍ରତିଷ୍ଠାତା ସଭାପତି ପ୍ରଫେସର (ଡକ୍ଟର) ମନୋଜ ରଞ୍ଜନ ନାୟକଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଥିଲେ। ଏହି ସାକ୍ଷାତ ଆଲୋଚନା ସମୟରେ ସୋଆ କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ଏବଂ ପ୍ରାଚୀନ୍‌ର ସାରୋଳ ମହାଭାରଥ ସମ୍ପାଦକ ମଣ୍ଡଳୀର ସଦସ୍ୟ ପ୍ରଫେସର ଗୌରାଙ୍ଗ ଚରଣ ଦାସ, ପ୍ରଫେସର ପ୍ରଦୀପ୍ତ କୁମାର ପଣ୍ଡା ଏବଂ ପ୍ରଫେସର ସନ୍ତୋଷ କୁମାର ରଥ ଉପସ୍ଥିତ ଥିଲେ।

## ଶୋଭନ୍‌ଙ୍କୁ ‘ସର୍ବଭାରତୀୟ ପେନ୍ ମ୍ୟାନେଜ୍‌ମେଣ୍ଟ୍ ସମ୍ମାନ’




**ଭୁବନେଶ୍ୱର, ୭।୨(ସମିସ):** ଡାକ୍ତର ଶୋଭନ୍ କୁମାର ରଥ ଜାତୀୟ ସ୍ତରରେ ‘ସର୍ବଭାରତୀୟ ପେନ୍ ମ୍ୟାନେଜ୍‌ମେଣ୍ଟ୍ ସମ୍ମାନ’ରେ ସମ୍ମାନୀତ ହୋଇଛନ୍ତି। ପୁଣେ ଠାରେ ଅନୁଷ୍ଠିତ ଇଣ୍ଡିଆନ୍ ସୋସାଇଟି ଫର୍ ଷ୍ଟଡି ଅଫ୍ ପେନ୍‌ର ବାର୍ଷିକ ସମ୍ମିଳନୀରେ ଡାକ୍ତର ରଥଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଛି। ଅଭିଜ୍ଞ ପେନ୍ ଡାକ୍ତର ଅପଲା ଶାହାଙ୍କ ସହିତ ‘ଯନ୍ତ୍ରଣା ନିବାରଣରେ କରିବାର ଆଧାମ୍ରିକ ଉପାୟ’ ଶୀର୍ଷକ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଡାକ୍ତର କ୍ରିତିକା ଦୋଶୀଙ୍କ ସହିତ ସର୍ଭାଇକାଲ ପେନ୍ ଉପରେ ମଧ୍ୟ ଏକ ମାଷ୍ଟର କ୍ଲାସ ନେଇଥିଲେ। ସର୍ବଭାରତୀୟ ସ୍ତରରେ ସମ୍ମାନୀତ ହୋଇଥିବାରୁ ବହୁ ଡାକ୍ତର ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ସେ ଶାରୀରିକ ଯନ୍ତ୍ରଣାରୁ ଉପଶମ ଉପରେ ଚିକିତ୍ସା କରନ୍ତି। ‘ପେନ୍ ଫ୍ରି ଓଡ଼ିଶା’ର ପ୍ରତିଷ୍ଠାତା ଭାବେ ତାଙ୍କ ସୁନାମ ରହିଛି। ଦେଶର ବହୁ ଅଭିଜ୍ଞ ଡାକ୍ତର ଏହି ସମ୍ମିଳନୀରେ ଯୋଗଦେଇଥିଲେ।

## ‘ମୌଳିକ ସାକ୍ଷରତା ଓ ସଂଖ୍ୟା ଜ୍ଞାନ’ ତାଲିମ ଶିବିର

**ଭୁବନେଶ୍ୱର, ୭।୨(ସମିସ):** ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ ଭୁବନେଶ୍ୱର ପକ୍ଷରୁ ଆଣ୍ଡାମାନ ନିକୋବର ଦ୍ୱୀପ ସମୂହରେ ‘ମୌଳିକ ସାକ୍ଷରତା ଓ ସଂଖ୍ୟା ଜ୍ଞାନ’ ବିଷୟରେ ତାଲିମ ଶିବିର ଉଦ୍‌ଘାଟିତ ହୋଇଯାଇଛି। ୫ଦିନ ଧରି ଶିକ୍ଷକମାନଙ୍କୁ ତାଲିମ ପ୍ରଦାନ କରାଯିବ। ଜାତୀୟ ଶିକ୍ଷାନୀତି ଆଧାରରେ ଏହି କାର୍ଯ୍ୟକ୍ରମ କରାଯାଉଛି। ପୋର୍ଟ ବ୍ଲେୟାର୍‌ସ୍ଥିତ ରାଜ୍ୟ ଶିକ୍ଷା ପ୍ରତିଷ୍ଠାନର ଅଧକ୍ଷ ରବୀନ୍ଦ୍ର ସିଂହଲ ଏହାକୁ ଉଦ୍‌ଘାଟନ କରିଛନ୍ତି। ଶିକ୍ଷା ଓ ସଂଯୋଜକ ବିଭାଗୀୟ ମୁଖ୍ୟ ପ୍ରଫେସର ଲକ୍ଷ୍ମୀଧର ବେହେରା ଯୋଗଦେଇ ଜାତୀୟ ପାଠ୍ୟଚର୍ଯ୍ୟା, ନିପୁଣଭାରତ, ଦୀକ୍ଷା, ନିଷ୍ଠା, ଏଫ୍‌ଏଲ୍‌ଏନ୍ ବିଷୟରେ ଆଲୋଚନା କରିଛନ୍ତି। ୪୦ ଜଣ ପ୍ରଶିକ୍ଷାର୍ଥୀ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ତାଲିମ ନେଉଛନ୍ତି। ପ୍ରାରମ୍ଭରେ ଡ. ଆର. ମନୋହରଣ ସ୍ୱାଗତ ଭାଷଣ ଓ ଗୀଥା ନବୀନ ଭଟ୍ଟ ଧନ୍ୟବାଦ ଦେଇଛନ୍ତି।




ବେଙ୍ଗାଲୁରୁରେ ଅନୁଷ୍ଠିତ ଏଜୁକେସନ୍ ଏକ୍ସଲେନ୍‌ସ୍ କନ୍‌କ୍ଲେଭ୍‌ରେ ଶ୍ରେଷ୍ଠ ଅଧ୍ୟକ୍ଷା ଭାବେ ବିଜେଇଏମ୍ ସ୍କୁଲ ଅଧ୍ୟକ୍ଷା ସନ୍ଧ୍ୟା ଜେନା ସମ୍ମାନିତ

## ୭୩ ସ୍ୱଚ୍ଛକର୍ମୀଙ୍କୁ ସାଇକଲ୍ ବଣ୍ଟନ

**ଭୁବନେଶ୍ୱର, ୭।୨(ସମିସ):** ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ପକ୍ଷରୁ ୭୩ଜଣ ସ୍ୱଚ୍ଛକର୍ମୀଙ୍କୁ ନୂଆ ସାଇକଲ୍ ପ୍ରଦାନ କରାଯାଇଛି। ଅତିଶୀଘ୍ର ଆଉ ୧୧୫ ଜଣଙ୍କୁ ସାଇକଲ୍ ଦିଆଯିବ ବୋଲି ବିଏମ୍‌ସି ପକ୍ଷରୁ କୁହାଯାଇଛି। ଭୁବନେଶ୍ୱରରେ ସମୁଦାୟ ୬୭୨ଜଣ ସ୍ୱଚ୍ଛକର୍ମୀ ରହିଛନ୍ତି। ଏମାନଙ୍କ ମଧ୍ୟରୁ ୪୮୪ଜଣ ସାଇକଲ ପୂର୍ବରୁ ପାଇ ସାରିଥିବା ବେଳେ ବିଏମ୍‌ସି ପକ୍ଷରୁ ବୁଧବାର ୧୧୫ ଜଣ ସ୍ୱଚ୍ଛକର୍ମୀଙ୍କୁ ସାଇକଲ ବଣ୍ଟନ କରାଯାଇଛି। ସହରୀ ଗତିଶୀଳତା ଭିତ୍ତିଭୂମି ଯୋଜନା ଅଧୀନରେ ରାଜ୍ୟ ସରକାରଙ୍କ ପକ୍ଷରୁ ଏହି ସାଇକଲ୍ ବଣ୍ଟନ କରାଯାଇଛି। ନୀଳାଦ୍ରି ବିହାରସ୍ଥିତ ବିଏମ୍‌ସି ବୈଭବ କେନ୍ଦ୍ରରେ ଏହି ସାଇକଲ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସ୍ୱଚ୍ଛକର୍ମୀଙ୍କ ପାଇଁ ଭୁବନେଶ୍ୱର ମହାନଗର ନିଗମ ପକ୍ଷରୁ ଦିଆଯାଉଥିବା ବିଭିନ୍ନ ସୁବିଧା ସମ୍ପର୍କରେ ଅତିରିକ୍ତ କମିସନର୍ ଶୁଭେନ୍ଦୁ କୁମାର ସାହୁ ଅବଗତ କରାଇଥିଲେ। ଏହି କାର୍ଯ୍ୟକ୍ରମରେ ଅତିଥିଭାବେ ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ, ମେୟର ସୁଲୋଚନା ଦାସ, ଷ୍ଟାଣ୍ଡିଂ କମିଟିର ଅଧ୍ୟକ୍ଷ ବିରଞ୍ଚି ନାରାୟଣ ମହାସୂପକାର, ଅମରେଶ ଜେନା, ପ୍ରୀତିନନ୍ଦା ରାଉତରାୟ, ମିହିର କୁମାର ରାଉତ, ସ୍ଥାନୀୟ ୩ନମ୍ବର କର୍ପୋରେଟର ଲକ୍ଷ୍ମୀପ୍ରିୟା ପରିଡ଼ା, ୧୪ନମ୍ବର ୱାର୍ଡ କର୍ପୋରେଟର ମୋନାଲିସା ସାହୁ, ଅତିରିକ୍ତ କମିସନର୍ ଶୁଭେନ୍ଦୁ କୁମାର ସାହୁ, ଡେପୁଟି କମିସନର ଡଃ ମନୋରଞ୍ଜନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।




### ପ୍ରିୟଦର୍ଶନୀଙ୍କ ନିଆରା ପ୍ରୟାସ

## ଅଦରକାରୀ ପଦାର୍ଥରୁ ଉପହାର ସାମଗ୍ରୀ




**ଭୁବନେଶ୍ୱର, ୭।୨(ସମିସ):**

ସାଧାରଣତଃ ଘରର ଅଦରକାରୀ ଜିନିଷକୁ ଆମେ ଫୋପାଡ଼ି ଦେଇଥାଉ। ସେ ଜରି, କାଗଜ ହେଉ କି ବାଡ଼ି ବଗିଚାରୁ ବାହାରୁଥିବା ବିଭିନ୍ନ ଗଛର କାଠ ଓ ଅନ୍ୟ ପଦାର୍ଥ, ସେଥିରେ ପ୍ରସ୍ତୁତ ହୋଇପାରୁଛି ଉପହାର ସାମଗ୍ରୀ। କେବଳ ଉପହାର ନୁହେଁ, ବରଂ ସେଥିରୁ କାଠର ବିଭିନ୍ନ ଗହଣା ବି ତିଆରି ହେଉଥିବା ଦେଖିବାକୁ ମିଳିଛି। ଏଭଳି ନିଆରା ପ୍ରୟାସ କରିଛନ୍ତି ପ୍ରିୟଦର୍ଶିନୀ ଦାସ। ନିଜ ଦ୍ୱାରା ପ୍ରସ୍ତୁତ ଏଭଳି ସାମଗ୍ରୀର ଏକ ଷ୍ଟଲ୍ ‘ଇକୋଦର୍ଶିନୀ’ ଖୋଲିଛନ୍ତି ଏକାମ୍ର ହାଟରେ। ଯେଉଁଠି ସେ ଇକୋ ଫ୍ରେଣ୍ଡଲି ବା ପରିବେଶ ଅନୁକୂଳ ଉପହାର ଏବଂ ଗହଣା ବିକ୍ରି କରୁଛନ୍ତି। ଘରେ ଓ ବଜାରରେ ସହଜରେ ମିଳିଯାଉଥିବା କାଠରୁ ସେ ତିଆରି କରୁଛନ୍ତି ବେଶ ଆକର୍ଷଣୀୟ ଉପହାର ସାମଗ୍ରୀ। ସେଥିରେ ରହିଛି କାଠରେ ତିଆରି ଘଣ୍ଟା, ପେନ ଷ୍ଟାଣ୍ଡ ଓ ଘରକୁ ସଜ୍ଜିତ କରିବା ପାଇଁ ବିଭିନ୍ନ ଉପକରଣ। ସେହିପରି ଗହଣାରେ ଓଡ଼ିଆ ସଂସ୍କୃତିର ଝଲକ ଦେଖିବାକୁ ମିଳୁଛି।





ସମ୍ବଲପୁରୀ ଡିଜାଇନ୍, ପଟ୍ଟଚିତ୍ର ଏବଂ ତୁଳସୀ, ବେଲ ଆଦିର ମାଳିରେ କାନ ଫୁଲ ଓ ହାର ତିଆରି କରୁଛନ୍ତି। ତାଙ୍କ ଦ୍ୱାରା ପ୍ରତିଷ୍ଠିତ ‘ଇକୋଦର୍ଶିନୀ’ ସଂସ୍ଥା ଦ୍ୱାରା କେବଳ ଯେ ସେ ନିଜେ ସ୍ୱାବଲମ୍ବୀ ହେଉଛନ୍ତି ତାହା ନୁହେଁ, ବରଂ ଅନ୍ୟ ମହିଳା, ଯୁବତୀମାନଙ୍କୁ ମାଗଣାରେ ପ୍ରଶିକ୍ଷଣ ଦେଇ ସ୍ୱାବଲମ୍ବୀ ହେବାକୁ ବାଟ ଦେଖାଉଛନ୍ତି। ଏହି କାମ ସେ ଦୀର୍ଘ ୫ ବର୍ଷ ହେଲାଣି କରିଆସୁଛନ୍ତି ବୋଲି ପ୍ରିୟଦର୍ଶିନୀ କୁହନ୍ତି। ପଟିଆରେ ସେ ଦୋକାନ କରିଛନ୍ତି। ଏହା ବ ୟତ । ତ

### ମହିଳାଙ୍କୁ ଦେଖାଉଛନ୍ତି ରୋଜଗାରର ରାସ୍ତା

ବସ୍ତିରେ ରହୁଥିବା ସ୍ୱାମୀ ପରିତ୍ୟକ୍ତା, ନିରାଶ୍ରୟ ମହିଳା, ଯୁବତୀଙ୍କୁ ନିଜ କାମରେ ସାମିଲ କରି ରୋଜଗାର ଯୋଗାଇ ଦେଉଛନ୍ତି। ଆଗକୁ ଏପରି ଆହୁରି ମହିଳାଙ୍କୁ ସେ ସ୍ୱାବଲମ୍ବୀ କରାଇବାର ଆଶା ରଖିଛନ୍ତି ବେଲି ପ୍ରିୟଦର୍ଶିନୀ କୁହନ୍ତି।



ସ୍କୁଟିକୁ କାର୍ ଘୋଷାରି ନେବା ଘଟଣା

# ଗାଡ଼ି ଚାଳକଙ୍କୁ ପୁଲିସର ଦରଦ କାହିଁକି

- ସ୍ୱତନ୍ତ୍ର ଡ୍ରାଇଭ୍‌ରେ ୪ ଜଣଙ୍କୁ ବାନ୍ଧିଲେ
- ସ୍କୁଟି ଘୋଷାଡ଼ିନେବା ଘଟଣାରେ ଛାଡ଼ିଦେଲେ
- ସନ୍ଦେହ ଘେରରେ ପୁଲିସର ଭୂମିକା; ଅଭିଯୋଗକାରୀ ନିରାଶ

ଭୁବନେଶ୍ୱର, ୭।୨ (ସମିସ):

ଲକ୍ଷ୍ମୀସାଗର ଥାନା ପୁଲିସ ଏକ ସ୍ୱତନ୍ତ୍ର ଏନଫୋର୍ସମେଣ୍ଟ ଡ୍ରାଇଭ୍ ମାଧ୍ୟମରେ ଗତକାଲି ମଦ୍ୟପାନ କରି ଗାଡ଼ି ଚଳାଉଥିବା ୪ ଜଣ ଗାଡ଼ି ଚାଳକଙ୍କୁ ଗିରଫ କରିବା ସହିତ ୪ ଟି କାର୍ ଜବତ କରିଛି। ମଦ୍ୟପାନ କରି ଗାଡ଼ି ଚଳାଇବା ମାମଲାରେ ଲକ୍ଷ୍ମୀସାଗର ଥାନା ପୁଲିସ ଗୋଟିଏ ଦିନରେ ୪ ଜଣଙ୍କୁ ଗିରଫ କରିଥିବାବେଳେ ଏହା ପୂର୍ବରୁ ଘଟିଥିବା ମ୍ୟାଗ୍ନେଟିକ କାର ଟ୍ରାଜେଡି କ୍ଷେତ୍ରରେ ଇନ୍‌ଫୋସିଟି ଥାନା ପୁଲିସର ତଦନ୍ତକୁ ନେଇ ପ୍ରଶ୍ନ ଉଠିଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ମ୍ୟାଗ୍ନେଟିକ କାର୍ ଦୁର୍ଘଟଣା ମାମଲା ପରଦିନ ଅର୍ଥାତ ଫେବୃୟାରୀ ୧ ତାରିଖରେ ଟ୍ରାଫିକ ଡିସିପି ଏନେଇ ଏକ ସ୍ୱତନ୍ତ୍ର ବିଜ୍ଞପ୍ତି ଜାରି କରିଥିଲେ। ମଦ୍ୟପାନ କରି ଗାଡ଼ି ଚଳାଇବା, ବିପରୀତ ଦିଗରେ ଗାଡ଼ି ଚଳାଇବା ଓ ଗାଡ଼ି ଚଳାଇବା ସମୟରେ ମୋବାଇଲ୍ ଫୋନ୍ ବ୍ୟବହାର ଭଳି କେତେକ ଘଟଣାରେ ଥାନାଗୁଡ଼ିକ ସଂପୃକ୍ତ ଗାଡ଼ି ଚାଳକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେଉ ବୋଲି ନିର୍ଦ୍ଦେଶ ଗଲା। ଆଉ ନିର୍ଦ୍ଦେଶ ଅନୁସାରେ ଶତାଧିକ ଗାଡ଼ି ଜବତ କରିବା ସହିତ ଗୋଟିଏ ଦିନରେ ଲକ୍ଷ୍ମୀସାଗର ଥାନା ପୁଲିସ ମଦ୍ୟପାନ କରି ଗାଡ଼ି ଚଳାଉଥିବା ୪ଟି କାର୍ ଜବତ ସହିତ ଚାଳକଙ୍କୁ ଗିରଫ କରିଥିଲା। ଲକ୍ଷ୍ମୀସାଗର ଥାନା ପୁଲିସ ଗିରଫ ଗାଡ଼ି ଚାଳକଙ୍କ ବିରୋଧରେ ଦଫା ୨୭୯ ଆଇପିସି ଓ ୧୮୪ ଓ ୧୮୫ ଏମ୍‌ଭି ଆକ୍ଟରେ ମାମଲା ରୁଜୁ କରିଥିଲା। ସେପଟେ ଇନ୍‌ଫୋସିଟି ଥାନା ପୁଲିସ ଗାଡ଼ି ଚାଳକ ମାନସ ରଞ୍ଜନ ଷଡ଼ଙ୍ଗୀଙ୍କ ବିରୋଧରେ ୨୭୯, ୩୩୭, ୩୩୮ ଆଇପିସି ଓ ୧୭୭, ୧୮୪, ୧୮୫ ଏମଭି ଆକ୍ଟରେ ମାମଲା ରୁଜୁ କରିଥିଲା। ଲକ୍ଷ୍ମୀସାଗର ଥାନା ପୁଲିସ ଗାଡ଼ି ଚାଳକଙ୍କୁ ଗିରଫ କରିଥିବାବେଳେ ଇନ୍‌ଫୋସିଟି ଥାନା ପୁଲିସ ମ୍ୟାଗ୍ନେଟିକ ଦୁର୍ଘଟଣାର ଅଭିଯୁକ୍ତ ଗାଡ଼ି ମାନସଙ୍କୁ ନୋଟିସ ଦେଇ ଛାଡ଼ିଦେବା ସାଧାରଣରେ ଚର୍ଚ୍ଚା ଆରମ୍ଭ ହୋଇଛି। ସେପଟେ ପୂର୍ବରୁ ମଦ୍ୟପାନ କରି ଗାଡ଼ି ଚଳାଉଥିବା ମାମଲାରେ ଜଣେ ସରକାରୀ କର୍ମଚାରୀଙ୍କୁ ନୂଆପଲ୍ଲୀ ଥାନା ପୁଲିସ ପୂର୍ବରୁ ଗିରଫ କରି କୋର୍ଟ ଚାଲାଣ କରିବା ଘଟଣା ଆଲୋଡ଼ନ ସୃଷ୍ଟି କରିଥିଲା। ମାତ୍ର ମ୍ୟାଗ୍ନେଟିକ ଟ୍ରାଜେଡି ଘଟଣାର ଅଭିଯୁକ୍ତ ଗାଡ଼ି ଚାଳକ ମାନସଙ୍କ କ୍ଷେତ୍ରରେ ନିୟମ ବଦଳିବା ପଛରେ କ'ଣ କାରଣ ରହିଛି ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଇନ୍‌ଫୋସିଟି ଥାନା ପୁଲିସ ଗାଡ଼ି ଚାଳକ ମାନସଙ୍କୁ ନୋଟିସ ଦେଇ ଛାଡ଼ିଦେବା ଦୁର୍ଘଟଣା ପୀଡ଼ିତଙ୍କ ପରିବାରକୁ ନିରାଶ କରିଛି। ଦୁର୍ଘଟଣାର ଶିକାର ତଥା ସ୍କୁଟି ଚାଳକ କସ୍ତୁରି ସ୍ୱାଇଁଙ୍କ ପୁଅ କହିଛନ୍ତି, ଆମେ ଅଭିଯୋଗ କରିବାକୁ ଥାନାକୁ ଯିବା ପୂର୍ବରୁ ଅନ୍ୟ ଜଣେ ବ୍ୟକ୍ତିଙ୍କ ଅଭିଯୋଗ ଆଧାରରେ ମାମଲା ରୁଜୁ ହୋଇସାରିଛି ବୋଲି ପୁଲିସ କହିଥିଲା । ହେଲେ ସେହି ଅଭିଯୋଗରେ ଆମ ଗାଡ଼ିର ରେଜିଷ୍ଟ୍ରେସନ ନମ୍ବର ନାହିଁ। ଏଥିସହିତ ଆମେ ପ୍ରତ୍ୟେକ ଦିନ ପୁଲିସ ପାଖକୁ ଯାଉଥିଲେ ମଧ୍ୟ ସେ ଗାଡ଼ି ଚାଳକଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନେଇ ନାହାନ୍ତି। ସେପଟେ ଏନେଇ ଇନ୍‌ଫୋସିଟି ଥାନା ଅଧିକାରୀ କହିଛନ୍ତି, ସିଆରପିସି ଧାରା ୪୧ ଅନୁସାରେ ମାନସଙ୍କୁ ନୋଟିସ ଦେଇ ଛଡ଼ା ଯାଇଛି।

● ଜମି ବିକ୍ରି ନାଁରେ ୭୨ ଲକ୍ଷ ଠକେଇ

## ୫ ମାସ ପରେ ଠକ ଗିରଫ



**ଭୁବନେଶ୍ୱର, ୭।୨ (ସମିସ):** ଜମି ବିକ୍ରିକରିବା ଆଳରେ ୭୨ ଲକ୍ଷ ଟଙ୍କା ଠକି ନେଇଥିବା ଘଟଣାର ୫ ମାସ ପରେ ଅଭିଯୁକ୍ତକୁ ଗିରଫ କରିଛି ବଡ଼ଗଡ଼ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ଚନ୍ଦକା ଜେନା ସାହିର ଗୁରୁଚରଣର ନରେନ୍ଦ୍ର (୭୪)। ପୁଲିସ ସୂଚନା ଅନୁସାରେ, ବିଭୂତି ଭୂଷଣ ମହାପାତ୍ର ଜମି କିଣିବା ପାଇଁ ୨୦୧୬ ମସିହା ଅଗଷ୍ଟ ୨୯ ତାରିଖରେ ଗୁରୁଚରଣ ସହିତ ଏକ ଚୁକ୍ତି କରିଥିଲେ। ଚୁକ୍ତିନାମା ଅନୁଯାୟୀ ବିଭୂତିଙ୍କ ଠାରୁ ୬୩ ଲକ୍ଷ ଟଙ୍କା ପାଇବା ପରେ ଗୁରୁଚରଣ ଚନ୍ଦକା ଥାନା ଅନ୍ତର୍ଗତ ସୁନ୍ଦରପୁର ମୌଜାରେ ଥିବା ଜମିକୁ ତାଙ୍କ ନାମରେ ପଞ୍ଜୀକରଣ କରିବାର ଥିଲା। ବିଭୂତି ଜମି ବାବଦକୁ ଧାର୍ଯ୍ୟ ହୋଇଥିବା ସମସ୍ତ ୬୩ ଲକ୍ଷ ଟଙ୍କା ଗୁରୁଚରଣଙ୍କ ଆକାଉଣ୍ଟକୁ ପର୍ଯ୍ୟାୟକ୍ରମେ ପଠାଇ ଥିଲେ। ପରବର୍ତ୍ତୀ ସମୟରେ ଗୁରୁଚରଣ ଅଧିକ ଟଙ୍କା ଦାବି କରିବାରୁ ବିଭୂତି ଆହୁରି ୮ ଲକ୍ଷ ୭୫ ହଜାର ଟଙ୍କା ତାଙ୍କ ଆକାଉଣ୍ଟକୁ ପଠାଇଥିଲେ। ଗୁରୁଚରଣ ଜମି ବାବଦକୁ ମୋଟ ୭୧ ଲକ୍ଷ ୭୫ ହଜାର ଟଙ୍କା ପାଇବା ପରେ ବିଭୂତିଙ୍କୁ ଠକି ଚାଲିଥିଲେ। ଜମି ପଞ୍ଜୀକରଣ କରି ନ ଥିଲେ କି ଜମି ବାବଦକୁ ଟଙ୍କା ମଧ୍ୟ ଆଉ ଫେରସ୍ତ କରି ନ ଥିଲେ। ବିଭୂତି ଗତବର୍ଷ ମାର୍ଚ୍ଚ ମାସରେ ଗୁରୁଚରଣଙ୍କ ଚନ୍ଦକାସ୍ଥିତ ଘରକୁ ଯାଇ ନାମରେ ଜମି ପଞ୍ଜୀକରଣ କରିବା ଲାଗି ଅନୁରୋଧ କରିଥିଲେ ମଧ୍ୟ ସେ ଶୁଣି ନ ଥିଲେ। ବରଂ ନିଜର ସହଯୋଗୀଙ୍କ ସହ ମିଶି ବିଭୂତିଙ୍କୁ ନାନାପ୍ରକାର ଧମକ ଚମକ ଦେଇଥିଲେ। ବିଭୂତି ଏନେଇ ଗତବର୍ଷ ଅଗଷ୍ଟ ମାସ ୨୪ ତାରିଖ ଦିନ ବଡ଼ଗଡ଼ ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁକରି ତଦନ୍ତ କରୁଥିଲା। ବୁଧବାର ଗୁରୁଚରଣଙ୍କୁ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି।

କମିସନରେଟ୍ ପୁଲିସର ବିଚିତ୍ର ନୀତି

## ଚୋରି ଅଭିଯୋଗକୁ ହଜିଲା ରିପୋର୍ଟ ଦର୍ଶାଉଛି

**ନିରାଶ ହେଉଛନ୍ତି ଅଭିଯୋଗକାରୀ**

**ଭୁବନେଶ୍ୱର, ୭।୨ (ସମିସ):** ରାଜ୍ୟ ପୁଲିସ ବିଭାଗରେ ସବୁଠୁ ଦକ୍ଷ ଓ କର୍ତ୍ତବ୍ୟନିଷ୍ଠ କର୍ମଚାରୀଙ୍କ ତାଲିକାରେ କମିସନରେଟ୍ ପୁଲିସ ସବୁଠୁ ଆଗରେ। ରାଜ୍ୟର ସବୁଠୁ ହାଇ ସିକ୍ୟୁରିଟି ଜୋନ୍‌କୁ ସୁରକ୍ଷା ଦେବାଠୁ ଆରମ୍ଭ କରି ଅନେକ ବଡ଼ ବଡ଼ ଅପରାଧିକ ମାମଲାକୁ ସଫଳତାର ସହ ସମ୍ମୁଖୀନ କରିଛି। ହେଲେ ଏହାରି ଭିତରେ କମିସନରେଟ୍ ପୁଲିସ ପକ୍ଷରୁ ଗ୍ରହଣ କରାଯାଇଥିବା ଅଭିଯୋଗକୁ ନେଇ ଏକ ବିଚିତ୍ର କଥା ସାମ୍ନାକୁ ଆସିଛି। ଏକ ମୋବାଇଲ୍ ଚୋରି ଅଭିଯୋଗକୁ ଲଷ୍ଟ ଆର୍ଟିକିଲ ରିପୋର୍ଟ ବା ହଜିଯାଇଥିବା ସାମଗ୍ରୀ ଫର୍ମ ଆଧାରରେ ଏତଲା ଗ୍ରହଣ କରାଯାଇଛି। ଅଭିଯୋଗ ପତ୍ରରେ ବନ୍ଧୁମାନଙ୍କ ଗହଣରୁ ମୋବାଇଲ ଚୋରି ହୋଇଯାଇଥିବା ନେଇ ସ୍ପଷ୍ଟ ଭାବେ ଲେଖାଯାଇଥିବା ବେଳେ ପୁଲିସ ମାମଲା ରୁଜୁକରିବା ପରିବର୍ତ୍ତେ ହଜିଯାଇଛି ବୋଲି ଦର୍ଶାଇ ମିସିଂ କେସ୍ ରୁଜୁକରିଛି। ସୂଚନା ଅନୁସାରେ, ଭଦ୍ରକ ଜିଲ୍ଲା ସାହାସପୁର ଅଞ୍ଚଳର କାହ୍ନୁଚରଣ ମାଝୀ ବ୍ୟକ୍ତିଗତ କାମରେ ଗତ ମାସ ୨୪ ତାରିଖ ଦିନ ଭୁବନେଶ୍ୱର ଆସିଥିଲେ। ସେ ଭରତପୁର ଦୁର୍ଗାମାଧବ ନଗର ଲେନ-୨ରେ ସାଙ୍ଗ ରୁମରେ ଥିବାବେଳେ ତାଙ୍କ ମୋବାଇଲ ଫୋନ ଚୋରି ହୋଇଯାଇଥିଲା। ବହୁତ ଖୋଜାଖୋଜି କରି ମୋବାଇଲ୍ ନମ୍ବ୍ରା ପାଇବାରୁ ସେ ଭରତପୁର ଥାନାର ଦ୍ୱାରସ୍ଥ ହୋଇଥିଲେ। ତାଙ୍କ ମୋବାଇଲ୍ ଫୋନଟି ଚୋରି ହୋଇଥିବା ନେଇ ଲିଖିତ ଅଭିଯୋଗ କରିଥିଲେ। ହେଲେ ପୁଲିସ ଚୋରି ଅଭିଯୋଗରେ ମାମଲା ରୁଜୁକରିବା ପରିବର୍ତ୍ତେ ଲଷ୍ଟ ଆର୍ଟିକିଲ ରିପୋର୍ଟ ଫର୍ମ ପୂରଣ କରି ତାଙ୍କୁ ଦେଇଥିଲା। ଅର୍ଥାତ ତାଙ୍କ ମୋବାଇଲ୍ ଫୋନ ଚୋରି ହୋଇନାହିଁ ବରଂ ହଜିଯାଇଛି। ଇଏ କେବଳ ଗୋଟିଏ ଘଟଣା ନୁହଁ, ଭୁବନେଶ୍ୱରର ବିଭିନ୍ନ ଥାନା ଅଞ୍ଚଳରୁ ପ୍ରତିଦିନ ପ୍ରାୟ ୫୦ଟି ମୋବାଇଲ ଫୋନ ଚୋରି ହେଉଛି। ଥାନାଗୁଡ଼ିକରେ ଅଭିଯୋଗ ମଧ୍ୟ ହେଉଛି। ହେଲେ ପୁଲିସ ମାମଲା ରୁଜୁ ନ କରି ଲଷ୍ଟ ଆର୍ଟିକିଲ ରିପୋର୍ଟ ଫର୍ମ ଫିଲପ୍ କରି ଅଭିଯୋଗକାରୀଙ୍କୁ ଧରାଇ ଦେଉଛି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ମୋବାଇଲ୍ ଚୋରି ଅଭିଯୋଗରେ କମିସନରେଟ ପୁଲିସ ଦ୍ୱାରା ଏଭଳି ତ୍ରୁଟିକୁ ସାଧାରଣରେ ଗ୍ରହଣ କରାଯାଉ ନ ଥିବା ବେଳେ ବୁଦ୍ଧିଜୀବୀ ମହଲରେ ଏହାକୁ ଅପାରଗ ବୋଲି କୁହାଯାଉଛି। ପ୍ରକୃତରେ ଏହା ତ୍ରୁଟି ନା ପୁଲିସର ଅପାରଗତା ଯୋଗୁଁ ଏଭଳି ଭୁଲ ସାମ୍ନାକୁ ଆସିଛି ବୋଲି ଜନସାଧାରଣରେ ପ୍ରଶ୍ନ ସୃଷ୍ଟି ହୋଇଛି ।

## ଦ୍ୱିତୀୟ ପର୍ଯ୍ୟାୟରେ ୬୦ ପ୍ରକଳ୍ପ ପାଇଁ 'ମୁକ୍ତା' କାର୍ଯ୍ୟାଦେଶ

**ଭୁବନେଶ୍ୱର, ୭।୨(ସମିସ):** ଭୁବନେଶ୍ୱର ମହାନଗର ନଗମ (ବିଏମ୍‌ସି) ପକ୍ଷରୁ ବୁଧବାର ମଧ୍ୟ ବିଧାନସଭା ନିର୍ବାଚନ ମଣ୍ଡଳୀରେ ମୁଖ୍ୟମନ୍ତ୍ରୀ କର୍ମତତ୍ପର ଯୋଜନା (ମୁକ୍ତା)ରେ ଦ୍ୱିତୀୟ ପର୍ଯ୍ୟାୟ କାର୍ଯ୍ୟାଦେଶ ବଣ୍ଟନ କରାଯାଇଛି। ଏଥିରେ ୪କୋଟି ୫୩ ଲକ୍ଷ ଟଙ୍କା

- ୪ କୋଟି ୫୩ ଲକ୍ଷ ଟଙ୍କାର ବ୍ୟୟ ଅଟକଳ
- କାମ କରିବେ ୬୦ ସ୍ୱୟଂ ସହାୟକ ଗୋଷ୍ଠୀ



ବ୍ୟୟ ଅଟକଳରେ ୬୦ଟି ପ୍ରକଳ୍ପ ପାଇଁ କାର୍ଯ୍ୟାଦେଶ ପ୍ରଦାନ କରାଯାଇଛି। ୬୦ପ୍ରକଳ୍ପକୁ ୬୦ଏସ୍‌ଏଚ୍‌ଜି କାମ କରିବେ। ପ୍ରକଳ୍ପଗୁଡିକ ମଧ୍ୟରେ ରହିଛି ସୌନ୍ଦର୍ଯ୍ୟକରଣ, ପାର୍କ, ଖୋଲା ଆକାଶ ଜିମ୍ ନିର୍ମାଣ, ରାସ୍ତା ସୌନ୍ଦର୍ଯ୍ୟକରଣ ଇତ୍ୟାଦି ରହିଛି। ଏହି ଉପଲକ୍ଷେ ବିଏମ୍‌ସି ମୁଖ୍ୟାଳୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା, ମେୟର ସୁଲୋଚନା ଦାସ, କମିସନର ବିଜୟ ଅମୃତା କୁଲାଙ୍ଗେ, ଅତିରିକ୍ତ କମିସନର୍ ଶୁଭେନ୍ଦୁ କୁମାର ସାହୁ, ଘାସିରାମ ମୁର୍ମୁ, ଷ୍ଟାଣ୍ଡିଂ କମିଟିର ଅଧ୍ୟକ୍ଷ ଶ୍ରୀଧର ଜେନା, କୁମାରେନ୍ଦ୍ର ମହାପାତ୍ର, ସିଟି ଇଞ୍ଜିନିୟର ବିଳାସ କୁମାର ବେହେରା, ଡେପୁଟି କମିସନର ଡଃ ମନୋରଞ୍ଜନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ବିଏମ୍‌ସିର ବରିଷ୍ଠ ଅଧିକାରୀ, ଟିମ୍ ବିଏମ୍‌ସି ସମେତ ମଧ୍ୟ ବିଧାନସଭା ନିର୍ବାଚନ ମଣ୍ଡଳୀର ସମସ୍ତ କର୍ପୋରେଟର ଓ ଏସ୍‌ଏଚ୍‌ଜିର ସଦସ୍ୟମାନେ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ମୁକ୍ତା ଯୋଜନାରେ ଚଳିତ ଆର୍ଥିକ ବର୍ଷ ୨୦୨୩-୨୪ରେ ୨୦କୋଟି ଟଙ୍କା ବ୍ୟୟରେ ମୋଟ୨୦୪ଟି ପ୍ରକଳ୍ପକୁ ରାଜ୍ୟ ସରକାର ମଞ୍ଜୁର କରିଥିବା ବେଳେ ସେଥିମଧ୍ୟରୁ ପ୍ରଥମ ପର୍ଯ୍ୟାୟରେ ପ୍ରାୟ ୧୧କୋଟି ଟଙ୍କା ବ୍ୟୟ ଅଟକଳରେ ୧୨୫ଟି ପ୍ରକଳ୍ପର କାର୍ଯ୍ୟାଦେଶ ବଣ୍ଟନ କରାଯାଇଥିଲା।

## ଖଣ୍ଡଗିରି କୁମ୍ଭମେଳାକୁ ସରକାରୀ ମାନ୍ୟତା ଦାବି

**ଭୁବନେଶ୍ୱର, ୭।୨(ସମିସ):** ଚଳିତ ବିଧାନ ସଭା ଅଧିବେସନରେ ଖଣ୍ଡଗିରି କୁମ୍ଭମେଳାକୁ ସରକାରୀ ମାନ୍ୟତା ଓ ସରକାରଙ୍କ ଦ୍ୱାରା ସମସ୍ତ ସୁବିଧା କରିବା ପାଇଁ ବିଶ୍ୱ ସନାତନ ବୈଦିକ ଧର୍ମ ପରିଷଦ ପକ୍ଷରୁ ନିବେଦନ କରାଯାଇଛି। ଏନେଇ ବାବା ପଞ୍ଚଦେବ ଖଣ୍ଡଗିରି ମହାକୁମ୍ଭ ମେଳାର ମୁଖ୍ୟ ଆବାହକ ତଥା ଅଧ୍ୟକ୍ଷ, ବିଶ୍ୱ ସନାତନ ବୈଦିକ ଧର୍ମ ପରିଷଦ କହିଛନ୍ତି ଯେ, ବହୁ ପୁରାତନ, ବିଶ୍ୱବିଦିତ ମହାକୁମ୍ଭ ମେଳାକୁ ଭାରତର ବିଭିନ୍ନ ସ୍ଥାନରୁ ଆସୁଥିବା ବିଭିନ୍ନ ସମ୍ପ୍ରଦାୟର ସାଧୁସନ୍ଥଙ୍କ ଆଗମନ ହୋଇଥାଏ। ଏଠାରେ ସେମାନଙ୍କର ରହିବା, ଖାଇବା ସ୍ନାନ ଶୌଚାଦି ନିତ୍ୟକର୍ମ ଲାଗି ବହୁ ଅସୁବିଧାର ସମ୍ମୁଖୀନ ହୋଇଥାଏ। ତେଣୁ ଏହି ସମସ୍ୟାକୁ ସମାଧାନ ଦିଗରେ କାର୍ଯାନୁଷ୍ଠାନ ଗ୍ରହଣ କରିବାକୁ ସେ ନିବେଦନ କରିଛନ୍ତି।

# ଆଉ ଜାଲ ନାହିଁ: ନାଁକୁ କେବଳ କେଉଟସାହି

ଭୁବନେଶ୍ୱର, ୭।୨(ସମିସ):

'ଜାଲ ଆଉ ନଈ ସହ ସମ୍ପର୍କ ମୋର ଦୀର୍ଘ ୫୦ ବର୍ଷର। ରାତି ପାହିଲେ ବାପା ଦାଦାଙ୍କୁ ଜାଲ ଧରି ବାହାରି ଯିବାର ଦେଖି ଦେଖି ବଡ଼ ହେଇଛୁ। ଦିନଥିଲା ନଦୀରେ ଜାଲ ପଡ଼ିଲେ ଘରେ ରୋଷେଇ ହୁଏ। ଯେଉଁଦିନ ଜାଲରେ ବେଶୀ ମାଛ ପଡ଼େ ସେଦିନ ଘରେ ଭଲ ଖାଇବା ହୁଏ। ହେଲେ ଜାଲରେ କିଛି ନ ପଡ଼ିଲେ ଘରେ ରୋଷେଇ ବନ୍ଦ। ହେଲେ ଆଉ ସେ ଦିନ ନାହିଁ। ନା ଘରେ ଆଉ ଜାଲ ଦେଖିବାକୁ ମିଳୁଛି ନା ଏ କେଉଟ ଆଗ ଭଳି କେଉଟ ପରିବାର ଅଛନ୍ତି'। ଏପରି କିଛି ଶୁଣିବାକୁ ମିଳିଥିଲା ପୁରୁଣା ଭୁବନେଶ୍ୱରରେ ଥିବା କେଉଟ ସାହିର ବାସୁଦେବ ଗଙ୍ଗେଇଙ୍କ ମୁହଁରୁ।

### ଦିନ ଥିଲା, ଜାଲ ପଡ଼ିଲେ ଚୁଲି ଜଳେ



ଆମେ ସାଧାରଣତଃ କେଉଟ କହିଲେ ହାତରେ ଜାଲ ଆଉ ମୁଣ୍ଡରେ ମାଛ ଧରି ଫେରୁଥିବା ଥିବା ଲୋକକୁ ହି ଚିହ୍ନିଥିଲୁ। ହେଲେ ସମୟ କ୍ରମେ ବଦଳି ଯାଇଛି ସେମାନଙ୍କ ବେଉଷା। ପୁରୁଣା ଭୁବନେଶ୍ୱରରେ ଥିବା କେଉଟ ସାହିରେ କେଉଟ ପରିବାର ଏବେ କୌଳିକ ବୃତ୍ତି ବଦଳାଉଛନ୍ତି। ପ୍ରଥମେ ଏଠାରେ ପ୍ରାୟ ଶହେ ପରିବାର ବସବାସ କରୁଥିଲା ବେଳେ ବର୍ତ୍ତମାନ ତାହା ଖସି ୩୦ରେ ପହଞ୍ଚିଲାଣି। ସେମାନଙ୍କ ପାଖରେ ଜାଲ ବି ଆଉ ଦେଖିବାକୁ ମିଳୁନି। ୪ ନମ୍ବର ହାଟରୁ ଯାଇ ସବୁ ମାଛ କିଣି ବିଭିନ୍ନ ଛକ ଓ ହାଟରେ ବିକ୍ରି କରୁଛନ୍ତି। ତେଣୁ ସେମାନଙ୍କ ଜାଲର କୌଣସି ଆବଶ୍ୟକତା ଆଉ ପଡୁନାହିଁ। ପିଢ଼ି ପରେ ପିଢ଼ି ଚାଲି ଆସୁଥିବା ଏହି ବୃତ୍ତିକୁ ଅନ୍ୟ ଲୋକ ମଧ୍ୟ ଆପଣେଇବାକୁ ଲାଗିଲେଣି। କେବଳ ଯେ ପୁରୁଷମାନେ ଏ ବୃତ୍ତି କରୁଛନ୍ତି ତାହା ନୁହଁ ବର୍ତ୍ତମାନ ଘରର ମହିଳାମାନେ ମଧ୍ୟ ନାନା ପ୍ରକାରର ମାଛ, ଚିଙ୍ଗୁଡ଼ି ଓ କଙ୍କଡ଼ା ବିକ୍ରି କରୁଥିବା ଦେଖିବାକୁ ମିଳିଛି। ଧୀରେ ଧୀରେ ଛକ ଛକରେ ସେମାନଙ୍କ ଆସର ବଢ଼ିବାରୁ ପ୍ରକୃତ କେଉଟ ପରିବାରର ଜୀବିକା ଏବେ ସଙ୍କଟରେ ବୋଲି ସେମାନେ ବୃତ୍ତି ବଦଳେଇବାକୁ ବାଧ ହେଉଛନ୍ତି। କାମ ବି ଆଉ ବୃତ୍ତିଗତ ପ୍ରତିଯୋଗିତାମୂଳକ ହୋଇଗଲାଣି। ଏହି କାମରେ ଲାଭ ମଧ୍ୟ ଏତେ ନ ଥିବାରୁ ତାଙ୍କ ପରବର୍ତ୍ତୀ ପିଢ଼ି ଏ ବୃତ୍ତି ପାଇଁ ମନ ବଳାଉ ନାହାନ୍ତି କହି ବାସୁଦେବ ନିଜର କ୍ଷୋଭ ପ୍ରକାଶ କରିଛନ୍ତି। ଏପରି ଚାଲିଲେ କେଉଟ ସାହିର ସବୁ ପରିବାର ଧୀରେ ଧୀରେ ନିଜ ବୃତ୍ତି ବଦଳାଇଦେବେ ଏବଂ କେଉଟ ସାହି କେବଳ ନାମକୁ ମାତ୍ର ରହିଯିବ।

## 'ମୋ ବସ୍' କଣ୍ଡକ୍ଟରଙ୍କ ଦୁର୍ବ୍ୟବହାର ଅଭିଯୋଗ

**ନନ୍ଦନକାନନ, ୭।୨(ସମିସ):** ଜଣେ ବରିଷ୍ଠ ନାଗରିକଙ୍କୁ 'ମୋ ବସ୍' କଣ୍ଡକ୍ଟର ଦୁର୍ବ୍ୟବହାର କରିଥିବା ଅଭିଯୋଗ ହୋଇଛି। କଣ୍ଡକ୍ଟର ଜଣଙ୍କ ବରିଷ୍ଠ ନାଗରିକଙ୍କୁ ଧମକଚମକ ଦେବା ସହ ଧାର୍ଯ୍ୟମୂଲ୍ୟ ଠାରୁ ଅଧିକ ଭଡ଼ା ନେବା ସହ ସର୍ବସମ୍ମୁଖରେ ଗାଳିଗୁଲଜ କରିବା ଯୋଗୁଁ ସେ ମର୍ମାହତ ହୋଇଥିବା କ୍ଷୋଭର ସହ କହିଛନ୍ତି।



ଏପରିକି ଦେଇଥିବା ଅଧିକ ଭଡ଼ାରୁ ଅଧା ଫେରିପାଇବାକୁ ଘରୁ ଆଧାର କାର୍ଡ ନେଇ ବୟସ ପ୍ରମାଣପତ୍ର ଦେଖାଇବାକୁ ପଡ଼ିଛି ବୋଲି କହିଛନ୍ତି। ସୂଚନା ଅନୁଯାୟୀ ପୁରୀ ଅଞ୍ଚଳର ମୁରଲୀଧର ମହାରଣା ପଟିଆରେ ରହି କମାରଶାଳ କରି ଗୁଜୁରାଣ ମେଣ୍ଟାନ୍ତି। ମଝିରେ ମଝିରେ ପୁରୀରେ ଥିବା ଘରକୁ ବସ୍‌ରେ ଯାଇଥାନ୍ତି। ମଙ୍ଗଳବାର ସେ ମୋ ବସ୍ (ଓଡି ୩୩ ଭି ୫୪୩୫)ରେ ପୁରୀରୁ ଫେରୁଥିଲେ। କଣ୍ଡକ୍ଟରଙ୍କୁ ଟିକଟ୍ ବାବଦକୁ ୩୦ଟଙ୍କା ଦେଇଥିଲେ। କଣ୍ଡକ୍ଟର ଏତିକି କ'ଣ ଦେଉଛ କହିବାରୁ ସେ ନିଜକୁ ବରିଷ୍ଠ ନାଗରିକ ବୋଲି କହିଥିଲେ। ମାତ୍ର କଣ୍ଡକ୍ଟର କିଛି ନଶୁଣି ୧୧୦ ଟଙ୍କା ଦେବାକୁ କହିଥିଲେ। ଯେତେ କହିଲେ କିମ୍ବା ପୂର୍ବରୁ ବରିଷ୍ଠ ନାଗରିକଙ୍କ ପାଇଁ ଉଦ୍ଦିଷ୍ଟ ଭଡ଼ା ଦେଇଥିବା ପ୍ରମାଣସ୍ୱରୂପ ପୁରୁଣା ଟିକଟ ଦେଖାଇଥିଲେ ବି କେହି ଶୁଣିନଥିଲେ। ବରଂ ସର୍ବସମ୍ମୁଖରେ ଗାଳିଗୁଲଜ କରିଥିଲେ। ଆଗରେ ଅସଭ୍ୟ ଭାଷାରେ ଗାଳିଗୁଲଜ କରିଥିଲେ। ମୂରଲୀଧର ବାଧ୍ୟ ହୋଇ ୧୧୦ ଟଙ୍କା ଦେଇଥିଲେ। କଥା ଏତିକିରେ ସରିନଥିଲା, ମାଷ୍ଟରକ୍ୟାଣ୍ଟିନ୍‌ରେ କଣ୍ଡକ୍ଟର ଜଣଙ୍କ ଅନ୍ୟ କର୍ମଚାରୀଙ୍କୁ ଡାକି ଧମକାଇଥିଲେ ବୋଲି ମୁରଲୀ କହିଥିଲେ। ପରେ ତାଙ୍କଠାରୁ ଟିକଟ ଛଡ଼ାଇ ନେବାକୁ ଉଦ୍ୟମ କରିଥିଲେ। ବୁଧବାର ସକାଳେ ଏନେଇ ଉପରିସ୍ଥ ଅଧିକାରୀଙ୍କୁ ଅଭିଯୋଗ କରିବାକୁ ବସ୍ ଡିପୋକୁ ଯାଇଥିବାବେଳେ ଉପର ଅଧିକାରୀ ଜଣକ ତାଙ୍କ ପକେଟ୍‌ରେ ୫୦ଟଙ୍କା ଦେଇ ଫେରିଯିବାକୁ କହିଥିଲେ। ଏ ସମ୍ପର୍କରେ କ୍ରୁଟ୍ କର୍ତ୍ତୃପକ୍ଷଙ୍କ ମତାମତ ନେବାକୁ ଚେଷ୍ଟା କରାଯାଇଥିଲେ ମଧ୍ୟ ସମ୍ଭବ ହୋଇପାରି ନ ଥିଲା ।

## ରେଳ କର୍ମଚାରୀଙ୍କ ଘରୁ ଲୁଟ୍

**ଭୁବନେଶ୍ୱର,୭ ।୨(ସମିସ):** ଲୁଟେରାଙ୍କ ରାଜୁତିରେ ଅସ୍ତବ୍ୟସ୍ତ ରାଜଧାନୀବାସୀ। ମଙ୍ଗଳବାର ବିଳମ୍ବିତ ରାତିରେ ଜଣେ ରେଳ କର୍ମଚାରୀଙ୍କ ଘରୁ ଲୁଟେରାମାନେ ୪ ଲକ୍ଷ ଟଙ୍କାର ଗହଣା ସମେତ ନଗଦ ଟଙ୍କା ଲୁଟି ନେଇଛନ୍ତି ଦୁର୍ବୃତ୍ତ। ଲୁଟ୍‌ର ଶିକାର ରେଳ କର୍ମଚାରୀ ପୂର୍ଣ୍ଣାନନ୍ଦ ଭୋଇ। ଏନେଇ ସେ ମଞ୍ଚେଶ୍ୱର ଥାନାରେ ଅଭିଯୋଗ ହେବା ପରେ ପୁଲିସ ତଦନ୍ତ କରୁଛି। ଅଭିଯୋଗ ଅନୁଯାୟୀ, ମଞ୍ଚେଶ୍ୱର ଥାନା ଅଧୀନ ଭୋଟପଡ଼ାରେ ରେଳ କର୍ମଚାରୀ ପୂର୍ଣ୍ଣାନନ୍ଦ ଘରଭଡ଼ା ନେଇ ରହୁଥିଲେ। ମଙ୍ଗଳବାର ସକାଳେ ସପରିବାରେ ସେ ଶ୍ୱଶୁର ଘରକୁ ଯାଇଥିଲେ। ଏହାର ସୁଯୋଗ ନେଇ ଲୁଟେରାମାନେ ମଙ୍ଗଳବାର ବିଳମ୍ବିତ ରାତିରେ ଲୁଟେରାମାନେ ଗେଟ୍ ତାଲା ଭାଙ୍ଗି ଘରେ ପଶିଥିଲେ। ଘର ଭିତରେ ଥିବା ଆଲମିରା ଭାଙ୍ଗି ସମସ୍ତ ସୁନା ଓ ରୁପା ଅଳଙ୍କାର ଲୁଟି ନେଇଥିଲେ ଦୁର୍ବୃତ୍ତ। ଏଥିସହ ନଗଦ ୧୦ ହଜାର ଟଙ୍କା ନେଇ ଯାଇଛନ୍ତି। ବୁଧବାର ସକାଳେ ପୂର୍ଣ୍ଣାନନ୍ଦ ରହୁଥିବା ଭଡ଼ା ଘରେ ତାଲା ଭାଙ୍ଗା ଯାଇଥିବା ପଡ଼ୋଶୀମାନେ ଦେଖି ଫୋନ୍ କରି କହିଥିଲେ। ଏହାପରେ ପୂର୍ଣ୍ଣାନନ୍ଦ ଥାନାରେ ଲିଖିତ ଅଭିଯୋଗ କରିଥିଲେ।

## ଅସଦାଚରଣ କରି ଶିକ୍ଷକ ଗିରଫ



**ଭୁବନେଶ୍ୱର, ୭।୨ (ସମିସ):** ଛାତ୍ରୀଙ୍କୁ ଅସଦାଚରଣ କରିଥିବା ଅଭିଯୋଗରେ ଟ୍ୟୁସନ ଶିକ୍ଷକଙ୍କୁ ଗିରଫ କରିଛି ଭରତପୁର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ଆଇଗିଣିଆ ଆଲୁଗଦି ଅଞ୍ଚଳରେ ରହୁଥିବା କେନ୍ଦ୍ରାପଡ଼ା ଜିଲ୍ଲା ପାଟକୁରା ଥାନା ଗରଦପୁରର ସୁଶୀଲ କୁମାର ପଣ୍ଡା ଓରଫ୍ ଅମର (୨୭)। ପୁଲିସ ସୂଚନା ଅନୁସାରେ, ଭରତପୁରରେ ୩ ବର୍ଷ ହେବ ରହୁଥିବା ପଶ୍ଚିମବଙ୍ଗର ଜଣେ ବ୍ୟକ୍ତିଙ୍କ ନାବାଳିକା ଝିଅ ରାଜଧାନୀର ଏକ ଶିକ୍ଷାନୁଷ୍ଠାନରେ ପଢୁଛନ୍ତି। ତାଙ୍କୁ ଘରେ ଓଡ଼ିଆ ପାଠ ପଢ଼ାଇବା ଲାଗି ସେ ଅମରକୁ ନିଯୁକ୍ତି ଦେଇଥିଲେ। ଅମର ସପ୍ତାହରେ ଦୁଇଦିନ ଅଭିଯୋଗକାରୀଙ୍କ ଘରକୁ ଯାଇ ତାଙ୍କ ଝିଅକୁ ପାଠ ପଢ଼ାନ୍ତି। ଗତ ୨୫ ତାରିଖ ସନ୍ଧ୍ୟାରେ ଅଭିଯୁକ୍ତ ଜଣକ ତାଙ୍କ ଝିଅକୁ ପାଠ ପଢ଼ାଉଥିବା ବେଳେ ଘରର ଭିତର ପଟରୁ କବାଟ ବନ୍ଦ କରି ତାଙ୍କ ସହିତ ଜୋର୍‌ଜବରଦସ୍ତ ଅଶାଳୀନ ବ୍ୟବହାର ପ୍ରଦର୍ଶନ କରିଥିଲେ। ସେହିପରି ଗତ ୨୭ ତାରିଖରେ ମଧ୍ୟ ପାଠ ପଢ଼ାଇବା ସମୟରେ ସମ୍ପୃକ୍ତ ନାବାଳିକାଙ୍କୁ ଖରାପ ଭିଡିଓ ଦେଖିବା ଲାଗି ବାଧ୍ୟ କରିଥିଲେ। ଝିଅ ନିକଟରୁ ଘଟଣା ସମ୍ପର୍କରେ ଜାଣିବା ପରେ ଅଭିଯୋଗକାରୀ ଏନେଇ ଭରତପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ଏକ ମାମଲା ରୁଜୁକରିବା ସହ ଅମରକୁ ଗିରଫ କରି କୋର୍ଟ ଚାଲାଣ କରିଛି।

## ବ୍ରାଉନ୍‌ସୁଗର ଜବତ; ଜଣେ ଗିରଫ



**ଭୁବନେଶ୍ୱର, ୭।୨ (ସମିସ):** ବ୍ରାଉନ୍‌ସୁଗର କାରବାର କରୁଥିବା ଅଭିଯୋଗରେ ଅବକାରୀ ସ୍କ୍ୱାଡ୍ ଜଣଙ୍କୁ ଗିରଫ କରିବା ସହ ତା ହେପାଜତ୍‌ରୁ ୫ ଲକ୍ଷ ୫୦ ହଜାର ଟଙ୍କାର ବ୍ରାଉନ୍‌ସୁଗର ଜବତ କରିଛି। ଗିରଫ ଅଭିଯୁକ୍ତ ହେଉଛି ଏୟାରପୋର୍ଟ ଥାନା ରାଜେନ୍ଦ୍ର ବିହାର ଅଞ୍ଚଳର ଅକୁଳ ଦଳେଇ (୫୫)। ସୂଚନା ଅନୁସାରେ, ୟୁନିଟ ୨ ଅଞ୍ଚଳରେ ବ୍ରାଉନ୍‌ସୁଗର ବିକ୍ରି ହେଉଥିବା ଅବକାରୀ ସ୍କ୍ୱାଡ ଖବର ପାଇଥିଲା। ଏକ ଟିମ୍ ସେଠାରେ ଚଢ଼ଉ କରି ଅକୁଳକୁ ଅଟକ ରଖି ଯାଞ୍ଚ କରିଥିଲା। ତା ହେପାଜତରୁ ମୋଟ ୫୫ ଗ୍ରାମ୍ ଓଜନର ବ୍ରାଉନ୍‌ସୁଗର ଜବତ କରିଥିଲା । ଜବତ ବ୍ରାଉନ୍‌ସୁଗରର ଆନୁମାନିକ ମୂଲ୍ୟ ୫ଲକ୍ଷ ୫୦ହଜାର ଟଙ୍କା ହେବ।

